## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର ୧୫।୬ (ପବନ ପାଣିଗ୍ରାହୀ)-ଜଣେ ଫେରାର ଅଭିଯୁକ୍ତଙ୍କୁ ଗୁରୁବାର ଜୟପୁର ସଦର ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ବଙ୍ଗାଳିଗୁଡାର ଅଭି ଜାନି ଆଲିୟସ ପରଜା। ବଙ୍ଗାଳିଗୁଡାର ଅଭିଙ୍କ ନାମରେ ୨୦୧୭ରୁ ଆପରାଧିକ ମାମଲା ଥିଲା। ସେବେଠାରୁ ସେ ଫେରାର ଥିଲେ। ଅଭି ବଙ୍ଗାଳିଗୁଡାରେ ଥିବା ସୂଚନା ପାଇ ପୋଲିସ ଚଢାଉକରି ତାଙ୍କୁ ଗିରଫ କରିଥିଲା।

### ବିଜେଡି ସାନଖେମୁଣ୍ଡି ବ୍ଲକ ସଭାପତି ବହିଷ୍କୃତ

ଦିଗପହଣ୍ଡି/ପାଟପୁର, ୧୫।୬ (ଅଶେଷ ନାଥ ମିଶ୍ର/ ସିମାଞ୍ଚଳ ସାହୁ)- ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆଡପଡ଼ା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ସାନଖେମୁଣ୍ଡି ବ୍ଲକ ସଭାପତି ନୀଳ ମାଧବ ରାଉତଙ୍କୁ ଦଳରୁ ବହିଷ୍କାର କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ନେଇ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ସୂଚନା ଦେଇଛନ୍ତି। ଏହାକୁ ବିଜେଡି ସାନଖେମୁଣ୍ଡି ବ୍ଲକ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ଦଳ ବିରୋଧି କାର୍ଯ୍ୟରେ ଯିଏ ଲିପ୍ତ ରହିବ ତାଙ୍କ ବିରୋଧରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ସୂଚନା ମିଳିଛି।

### ନୀତୀଶଙ୍କ ନିଟ୍‌ରେ କୃତିତ୍ୱ

ରମ୍ଭା, ୧୫।୬(ବନବାସୀ ସେଠୀ) ସ୍ଥାନୀୟ ପାନ୍ଥ ନିବାସ ଜେଟି ରୋଡ ନୀତୀଶ କୁମାର ସାହୁ ସଦ୍ୟ ପ୍ରକାଶିତ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ୨୦୨୩ରେ ୭୨୦ରୁ ୬୬୩ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ସେ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅଭିମନ୍ୟୁ ସାହୁ, ମାତା ମିନତି କୁମାରୀ ସାହୁଙ୍କ ପୁତ୍ର। ନୀତୀଶ ଚଳିତ ବର୍ଷ ଏସ୍‌ସିବି ମେଡିକାଲ କଲେଜରେ କଟକରୁ ସଫଳତାର ସହିତ ଏମ୍‌ବିବିସି ଡିଗ୍ରୀ ହାସଲ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୫।୬ (ପବନ ପାଣିଗ୍ରାହୀ)- ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ଟାଉନଥାନା ପୋଲିସ ଗିରଫ କରିଛି। ସେ ହେଲେ ଇରିଗେସନ କୋଲୋନୀ କେନ୍ଦୁଗୁଡାର ସତ୍ୟ ଜାନି (୩୮)। ସତ୍ୟଙ୍କ ନାମରେ ଟାଉନଥାନାରେ ପୂର୍ବରୁ ମାମଲା ରହିଥିଲା।

### କଥା ଓ ବ୍ୟଥା ଲୋକାର୍ପିତ

ପାରଳାଖେମୁଣ୍ଡି, ୧୫।୬ (ଗିରିଧାରୀପରିଛା): ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଗୁରୁବାର ଦରଦି କବି ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ କବିତା ପସରା 'କଥା ଓ ବ୍ୟଥା' ମୁଖ୍ୟ ଅତିଥି ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। କବିତାଟିରେ ସେ ସାମ୍ପ୍ରତିକ ଯୁଗ ଚେତନା ପାଇଁ ଏକ ବହ୍ନି ଶିଖା ସମାଜ ପାଇଁ ବାଣ୍ଟିଛନ୍ତି ବୋଲି ବକ୍ତାମାନେ କହିଥିଲେ। ସମସ୍ତ କବିତା ଗୁଡ଼ିକୁ ଅଧାପକ ସୌଦାଗର ସିଓ ସମୀକ୍ଷା କରିଥିଲେ। ଡ.ଭୁବନେଶ୍ୱର ପଟନାୟକ, ପଣ୍ଡିତ ନରସିଂହ ଗୌଡ଼, ସମ୍ପୂର୍ଣ୍ଣାନନ୍ଦ ବେବର୍ତ୍ତା, ବିନୋଦ ଜେନା, ଭଗବତ ପାଢ଼ୀ, ଡ କଲ୍ୟାଣୀ ମିଶ୍ର, ଆଶାଲତା ପାଣିଗ୍ରାହୀ, ଶାଶ୍ୱତୀ ବେବର୍ତ୍ତା ନିଜ ନିଜର ମତ ରଖିଥିବା ବେଳେ ଶରତ ସାହୁ, ମୂରଲୀଧର ପରିଛା, ତ୍ରିପତି ପ୍ରସାଦ ପଣ୍ଡା, ବିଷ୍ଣୁ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଡାଇଟ୍‌ର ଅଧକ୍ଷ ଡାକ୍ତର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋଲାର ପ୍ରକଳ୍ପରୁ ଉପକୃତ ହେଉନାହାନ୍ତି ସୀମାନ୍ତ ଗ୍ରାମବାସୀ

**ପଟ୍ଟାଙ୍ଗି, ୧୫।୬(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ପ୍ରଶାସନର ସୋଲାର ପ୍ରକଳ୍ପ ସୀମାନ୍ତ ଗ୍ରାମବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ଏପରି ଦେଖିବାକୁ ମିଳିଛି ବ୍ଲକର ପେଟୁରୁ ପଞ୍ଚାୟତର ବନ୍ଧାଗୁଡା ଗ୍ରାମରେ। ବନ୍ଧଗୁଡା ଗ୍ରାମରେ ପ୍ରାୟ ୩୦ ପରିବାର ବସବାସ କରନ୍ତି । ଗ୍ରାମବାସୀଙ୍କ ପାଇଁ ଗ୍ରାମରେ ରହିଛି ଗୋଟିଏ ମାତ୍ର ନଳକୂପ। ପାନୀୟ ଜଳ ପାଇଁ ୮ମାସ ତଳେ ନିର୍ମାଣ ହୋଇଥିବା ସୋଲାରଚାଳିତ ଜଳପ୍ରକଳ୍ପକୁ ଉକ୍ତ ନଳକୂପ ସହ ସଂଯୋଗ କରାଯାଇ ଗ୍ରାମରେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ଏବଂ ନିମ୍ନମାନର ମୋଟର ଲାଗିଥିବାରୁ ଗୋଟାଏ ମାସ ପରେ ନଳକୂପରେ ଲାଗିଥିବା ମୋଟର ଖରାପ ହୋଇ ପାଣି ବନ୍ଦ ହୋଇଯାଇଥିଲା। ଏନେଇ ଗ୍ରାମବାସୀ ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ କେହି ଶୁଣୁ ନ ଥିବା ଗ୍ରାମବସୀ ଅଭିଯୋଗ କରିଛନ୍ତି ।

ପୂର୍ବରୁ ପାନୀୟ ଜଳ ଅଭାବ ଦୂର ପାଇଁ ଏକ ନୂତନ ନଳକୂପ ଖନନ ଲାଗି ଗ୍ରାମବାସୀ ବାରମ୍ବାର ଦାବି କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ନୂତନ ନଳକୂପ ଖନନ ବଦଳରେ ପୁରୁଣା ନଳକୂପକୁ ମରାମତି କରି ଚୁପ୍ ରହିଥିଲା। ବର୍ତ୍ତମାନ ୨ମାସରୁ ଅଧିକ ହେଲାଣି ସୋଲାର ଚାଳିତ ପ୍ରକଳ୍ପ ଚାଲୁନି କି ନଳକୂପରୁ ମଧ ଗ୍ରାମବାସୀଙ୍କୁ ପାଣି ମିଳୁନି। ଏପରି ସ୍ଥଳେ ଗ୍ରାମବାସୀ ଗ୍ରାମଠାରୁ ଦେଢ଼ କି.ମି. ଦୂରରେ ଥିବା ଝରଣାରୁ ପାନୀୟ ଜଳ ସଂଗ୍ରହକରି ଚଳୁଛନ୍ତି। ଏହି ଝରଣା ଜଳ ଗୋଳିଆ ହୋଇଥିଲେ ମଧ କିଛି ବିକଳ୍ପ ନ ଥିବାରୁ ଆମେ ବ୍ୟବହର କରିବାକୁ ବାଧ ହେଉଛୁ। ସେହି ପାଣି ବ୍ୟବହାରକରି ଆମେ ରୋଗାକ୍ରାନ୍ତ ହୋଇପଡୁଥିବା ଗ୍ରାମର ଜାନି ରାମ, ଗୁଲେଲ ବଇ ଡାମାୟା, ଜାନି ଲାଚୁ, ଜାନି ରାମାୟା ପ୍ରମୁଖ କହିଛନ୍ତି। ଏହି ଗ୍ରାମଗୁଡିକୁ ନେଇ ଗତ ପଞ୍ଚାୟତ ନିର୍ବାଚନ ବେଳେ ଲୋକଙ୍କୁ ପ୍ରଲୋଭିତ କରି ଆନ୍ଧ୍ର ବନ୍ଧାଗୁଡ଼ା, ଡୁମୁରିଗୁଡା ଓ ଇପାଗୁଡ଼ା ଗ୍ରାମକୁ ନିଜ ଆଡକୁ ନେବାକୁ ଉଦ୍ୟମ କରି ଉପରୋକ୍ତ ଗ୍ରାମଗୁଡିକରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିଥିଲା। ଗ୍ରାମବାସୀ ମଧ ଆନ୍ଧ୍ରର ପେନ୍‌ସନ, ସ୍ୱାସ୍ଥ୍ୟସେବା, ଆଧାର କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ସେବା, ରାସ୍ତାଘାଟ ଆଦି ଦ୍ୱାରା ପ୍ରଲୋଭିତ ହୋଇଥିଲେ। ଓଡ଼ିଶାର ଏହି ଗ୍ରାମଗୁଡିକୁ ପ୍ରଶାସନ ଅଣଦେଖା ନ କରିବାକୁ ସାଧାରଣରେ ଦାବି ହେଉଛି।




ନଷ୍ଟ ହୋଇଯାଇଥିବା ସୋଲାର ପ୍ରକଳ୍ପ ଏବଂ ଅଚଳ ନଳକୂପ।



କୋରାପୁଟ ଜିଲା ଜୟପୁରରେ ଅତିଥିମାନେ ରଜ ଉତ୍ସବକୁ ବୁଲି ଦେଖୁଛନ୍ତି ।

# ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ରଜ ଉତ୍ସବ

**ଜୟପୁର, ୧୫।୬(ପବନ ପାଣିଗ୍ରାହୀ)**

ଜୟପୁର ରାଜନଗରସ୍ଥିତ ଜ୍ୟୋତି କଲ୍ୟାଣ ମଣ୍ଡପଠାରେ ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ରଜମଉଜ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ କବିସମ୍ମିଳନୀ ହୋଇଥିଲା। ଆଇନଜୀବୀ ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ମହାଦେବ ଶତପଥୀ, ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ହରିହର କରସୁଧା ପଟ୍ଟନାୟକ, ସମ୍ମାନିତ ଅତିଥି ଜଗନ୍ନାଥ ସଂସ୍କୃତିର ପ୍ରଚାରକ ଡାକ୍ତର ଭବାନୀ ଚରଣ ଆଚାର୍ଯ୍ୟ ଯୋଗଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ସାହିତ୍ୟିକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅବିଭକ୍ତ କୋରାପୁଟ ଜିଲାର କବୟିତ୍ରୀ ଓ କବିମାନେ କବିତା ପାଠ କରିଥିଲେ। କବି ଚକ୍ରପାଣି ପରିଛା, ବାସନ୍ତୀଲତା ଜେନା, ସ୍ୱର୍ଣ୍ଣଲତା ପଟ୍ଟନାୟକ, କବିତା ସାହୁ, ଜାନକୀ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ହୋତା, ଡ.ଅଶୋକ ମହାନ୍ତି, ଦେବେନ୍ଦ୍ର ରାଜୁ, ମାଧୁରୀ ପଣ୍ଡା, ସନ୍ଧ୍ୟାରାଣୀ ସାହୁ, କିଶୋର ମିଶ୍ର, ସନ୍ତୋଷ ସାହୁ, ନାରାୟଣ ସଗର, ଧନେଶ୍ୱର ମହାପାତ୍ର, ଚିନ୍ମୟୀ ସାହୁ, ଗୌରୀ ପଣ୍ଡା, ସରସ୍ୱତୀ ସାହୁ, ବାସନ୍ତୀ ମିଶ୍ରଙ୍କ ସମେତ ଅନ୍ୟମାନେ କବିତା ପାଠ କରିଥିଲେ। କବି ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ସୂଚନା ଦେଇଥିଲେ। ନିହାର ରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବି କୃଷ୍ଣଚନ୍ଦ୍ର ହୋତା ଏବଂ ସଂଯୋଜିକା ଭାବେ କବୟିତ୍ରୀ ପ୍ରଭାସିନୀ ମହାନ୍ତି ସୌଭାଗିନୀ ନନ୍ଦ କବିତା ସଂଯୋଜନା କରିଥିଲେ। କବୟିତ୍ରୀ ଭାବଚନ୍ଦ୍ରିକା ଦେବୀ ଧନ୍ୟବାଦ ଦେଇଥିଲେ। ଡ. ସୁରେଶ ଦାଶ, ଶ୍ରୀନାଥ ମିଶ୍ର, ପ୍ରକାଶ ମହାନନ୍ଦିଆ, କୈଳାସ ସାମନ୍ତରାୟା, ମଧୁସୂଦନ ମିଶ୍ର, ପ୍ରମୋଦ ରାଉଳ, ଅବିନାଶ ସାନ୍ତ୍ରାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସମ୍ପାଦକ ଚନ୍ଦ୍ରମଣି ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ଅତିଥି ବକ୍ତବ୍ୟ ରଖୁଛନ୍ତି।

# ବାଘଛାଲ ଜବତ

**ରାଇଘର, ୧୫।୬(କିରଣ ପଟ୍ଟନାୟକ)**

ଓଡ଼ିଶା ଏବଂ ଛତିଶଗଡ଼ ବନ ବିଭାଗ ମିଳିତ ଚଢ଼ାଉ କରି ବାଘଛାଲ ସହ ୧୬ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ କଲମଡଙ୍ଗରି ଗ୍ରାମରୁ କୁଶ ଭତ୍ରା, ମୋହନସିଂ ରାଉତ, ଦାମର ମାଝିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ନାମରେ ୩ଟି ପୃଥକ୍ ମାମଲା ରୁଜୁ ହୋଇଛି। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ବାଘ ଛାଲ ସମ୍ପର୍କରେ ବୁଧବାର ବିଶେଷ ସୂତ୍ରରୁ ଖବରପାଇ ରାଇଘର ବନବିଭାଗ ରେଞ୍ଜ ଅଧୀନରେ ଥିବା କଲମଡ଼ଙ୍ଗରୀ ଗ୍ରାମରେ ଚଢ଼ାଉ କରାଯାଇଥିଲା।



# ଆଧାରକାର୍ଡ ନାହିଁ, ଭତ୍ତାରୁ ବଞ୍ଚିତ ହେଲେ ୨ ବୃଦ୍ଧା

**ଦଶମନ୍ତପୁର, ୧୫।୬ (ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଜୟପୁରରେ ଆଧାର କାର୍ଡ ନ ଥିବାରୁ ଦୁଇଜଣ ଦୃଷ୍ଟିହୀନା ବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ପୂର୍ବରୁ ନିୟମିତ ଭତ୍ତା ମିଳୁଥିଲା। ତେବେ କୌଣସି କାରଣରୁ ସେମାନଙ୍କ ଭତ୍ତା କଟିଯାଇଛି। ଏବେ ଭତ୍ତାରୁ ବଞ୍ଚିତ ହୋଇ ଏହି ୨ ବୃଦ୍ଧା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଦୃଷ୍ଟିହୀନା ହୋଇଥିବାରୁ ସେମାନେ ଅନ୍ୟ କେଉଁଆଡେ ଯାଇପାରୁନାହାନ୍ତି। ପୂର୍ବପରି ଏହି ଦୁଇ ବୃଦ୍ଧାଙ୍କୁ ପ୍ରଶାସନ ପକ୍ଷରୁ ଭତ୍ତା ଯୋଗାଇ ଦେବାକୁ ମତ ପ୍ରକଶ ପାଉଛି। ଭତ୍ତା ବାବଦରେ ସେମାନଙ୍କୁ ୫ଶହ ଲେଖାଏ ଟଙ୍କା ମିଳୁଥିଲା। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ସମାଜମଙ୍ଗଳ ଅଧିକାରୀ ଦିଲୀପ ହିଆଲଙ୍କୁ ପଚାରିବାରୁ ସେ କହିଲେ, କେଉଁ କାରଣ ଯୋଗୁ ସେମାନଙ୍କ ଭତ୍ତା କଟିଛି ତାହାର ଅନୁଧ୍ୟାନ କରି ପୁଣି ସେମାନଙ୍କ ଭତ୍ତା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।



# ବ୍ଲକସ୍ତରୀୟ ଷ୍ଟାର୍ ସିକ୍ସ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପଟ୍ଟାଙ୍ଗି, ୧୫।୬(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଏକ ଆନ୍ଧ୍ର ସୀମାନ୍ତ ରାଜ୍ୟ ରୂପେ ପରିଚିତ। ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ଷ୍ଟାର୍ ସିକ୍ସ ସଭାପତି ଖିଲ କାର୍ତ୍ତିକଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୋଲିସ ବିଭାଗର ତୃତୀୟ ବାଟାଲିୟନର ଜିଲା ସଭାପତି ଜୟରାମ ପୂଜାରୀ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଏହି ଟୁର୍ନାମେଣ୍ଟ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ୮ଟି ଦଳ ପରସ୍ପରକୁ ଭେଟିବେ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି। ପ୍ରତ୍ୟେକ ମ୍ୟାଚର ସମୟ ସୀମା ୧ ଘଣ୍ଟା ରଖାଯାଇଛି। ଏହି ସମୟ ସୀମା ମଧ୍ୟରେ ଯେଉଁ ଦଳ ଅଧିକ ପଏଣ୍ଟ ରଖିବ ସେହି ଦଳ ବିଜୟୀ ଘୋଷିତ ହେବା ନେଇ ସ୍ଥିର ହୋଇଛି।

ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଦିବସରେ କରାଡବା ସହ ମାଳିଗୁଞ୍ଜା ଏବଂ କୋଟିଆ ସହ ଲିଙ୍ଗାମଗୁଡ଼ି ପରସ୍ପରକୁ ଭେଟିଥିଲେ। ସେହିପରି ଦ୍ୱିତୀୟ ଦିବସର ମ୍ୟାଚରେ କର୍ତ୍ତାଲମାଉଡି ସହ ବଦଲିଗୁଡା ଏବଂ ଗେଟସାହି ସହ ମେଡମଗନ୍ଧି ଦଳ ପରସ୍ପରକୁ ଭେଟିଥିଲେ। ଉଦ୍‌ଘାଟନୀ ଉତ୍ସବ ବିଳମ୍ବ ହେବାରୁ କାର୍ଯ୍ୟସୂଚୀରେ ଥିବା ୪ଟି ଦଳକୁ ନେଇ ମ୍ୟାଚ ହୋଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ରୂପେ ଓଡ଼ିଶା ମୋଟର ଚାଳକ ସଂଘ ପଟ୍ଟାଙ୍ଗି ଶାଖା ସଭାପତି ଅର୍ଜୁନ ଖରା, ୱାର୍ଡସଭ୍ୟ ଅର୍ପଣ ହିମିରିକା, ଡିଏନ୍‌ଏସ୍ ମେଡିକାଲ ଷ୍ଟୋରର ନୁରାନ ନବି ସରଦାର, ନାଏବ ସରପଞ୍ଚ ଅଭିମନ୍ୟୁ ତୋଟାପାଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟାର୍ ସିକ୍ସର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଉଦ୍‌ଘାଟନୀ ଉତ୍ସବରେ ୪ଦଳ ମଧ୍ୟରେ ହୋଇଥିବା ମୁକାବିଲାର ଏକ ଘଣ୍ଟା ମଧ୍ୟରେ ମାଳିଗୁଞ୍ଜା ୨୦ ପଏଣ୍ଟ ହାସଲକରି ବିଜୟୀ ହୋଇଥିଲା । ସେହିପରି ପ୍ରଥମ ଦିବସର ଦ୍ୱିତୀୟ ମ୍ୟାଚ କୋଟିଆ ସହ ଲିଙ୍ଗାମଗୁଡି ମଧ୍ୟରେ ମୁକାବିଲା ହୋଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ କୋଟିଆ ୧୭ ପଏଣ୍ଟ ହାସଲ କରି ବିଜୟୀ ହୋଇଥିଲା। ମ୍ୟାଚକୁ ରେଫରି ଭାବେ ରବୀନ୍ଦ୍ର ପଟ୍ଟନାୟକ ଏବଂ ମୋହନ ବାଙ୍କା ପରିଚାଳନା କରୁଥିଲେ ।




ଅତିଥିଙ୍କ ଗହଣରେ ଖେଳାଳିମାନେ।

# ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା

**କୋରାପୁଟ/ଜୟପୁର, ୧୫।୬**
**(ଅମିତାଭ ବେହେରା/ପବନ ପାଣିଗ୍ରାହୀ)**

ଟାଟା ପାୱାରର ଜୟପୁର ବାମୁଣିଗାଁସ୍ଥିତ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗୁରୁବାର ଭାଜପା ଘେରାଉ କରିଥିଲା। କୋରାପୁଟ ଜିଲାରେ କୋଲାବ ଜଳବିଦ୍ୟୁତ ପ୍ରକଳ୍ପ, ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ, ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପ ରହିଥିଲେ ସୁଦ୍ଧା ଲୋକଙ୍କୁ ଉପଯୁକ୍ତ ବିଦ୍ୟୁତ୍ ସେବା ନ ମିଳିବା ନେଇ କୋରାପୁଟ ଭାଜପା ପ୍ରଶ୍ନ ଉଠାଇ ଏହି ଘେରାଉ କରିଥିଲା। ଉପଭୋକ୍ତାମାନେ ଉପଯୁକ୍ତ ସେବା ନ ପାଇବା, ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରାଯିବା ସହ ଲୋ ଭୋଲ୍‌ଟେଜ ସମସ୍ୟା ସୁଧାରିବାରେ ବିଭାଗ ଆଖି ବୁଜିଦେଇଛି ବୋଲି ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଏବେ ମଧ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବହୁ ଗ୍ରାମ ବିଦ୍ୟୁତ୍ ସେବା ନ ପାଇ ଅନ୍ଧାରରେ ରହିଛି। ଟାଟା ପାୱାର ବିତରଣ ଦାୟିତ୍ୱ ନେବା ପରଠାରୁ ଏଭଳି ସମସ୍ୟା ବୃଦ୍ଧି ପାଇଛି । ଘରୋଇ କମ୍ପାନୀ ସହ ବିଭାଗୀୟ କର୍ମଚାରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସଲାସୁତରାରେ ଏଭଳି ବିଦ୍ୟୁତ୍ ବିଭ୍ରାଟ ଚାଲିଥିବା ଭାଜପା ପ୍ରକାଶ କରି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏନେଇ ସୂଚନା ପାଇ ବିଭାଗୀୟ ନିର୍ବାହୀଯନ୍ତ୍ରୀ ବରୁଣ ଚୌଧୁରୀ ପହଞ୍ଚି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ତେବେ ଭାଜପାର ଅଭିଯୋଗକୁ ନିର୍ବାହୀଯନ୍ତ୍ରୀ ଚୌଧୁରୀ ଖଣ୍ଡନ କରିଥିଲେ। ସେ କହିଥିଲେ, ଯେତେବେଳେ କୌଣସି ମେଣ୍ଟେନାନ୍ସ କାର୍ଯ୍ୟ ହେଉଛି ସେହି ସମୟରେ କେବଳ ବିଦ୍ୟୁତ୍ କାଟ୍ ହେଉଛି। ପରେ କାର୍ଯ୍ୟ ସରିଲେ ବିଦ୍ୟୁତ୍ ସେବା ସ୍ୱାଭାବିକ ହେଉଛି ବୋଲି ସେ କହିଥିଲେ। ବିକ୍ଷୋଭରେ ଭାଜପାର ଗୌତମ ସାମନ୍ତରାୟ, ମୋହନ ମାଝି, ସୁରଭି ପାଣି, ସନ୍ତୋଷ ନାୟକ, ରାଧେଶ୍ୟାମ ପରିଡ଼ା, ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ, ପୂର୍ବତନ ଜିଲା ସଭାପତି ବିଜୟ ମିଶ୍ର, ଅଶ୍ୱନୀ ପଟ୍ଟନାୟକ, ଶିବ ମୁଦୁଲି, ଭାଗୀରଥି ପାଟନିଆ, ମହିପାଳ ସିଂ, ଜି.ସଞ୍ଜିବ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ନଗର ଭାଜପା ସଭାପତି ସିଦ୍ଧାର୍ଥ ଶଙ୍କର ମୁଦୁଲି ଅଧକ୍ଷତା କରିଥିଲେ।



କାର୍ଯ୍ୟାଳୟ ଘେରାଉ କରି ଧାରଣାରେ ବସିଥିବା ଭାଜପା କର୍ମକର୍ତ୍ତା।

**ବିଦ୍ୟୁତ୍ ସେବା ପ୍ରଦାନରେ ଅବହେଳା ଅଭିଯୋଗ**

# ପାଇପ୍ ଲାଇନ ନେବାକୁ ରାସ୍ତା ଖୋଳି ଗଣିଲେ ଜରିମାନା

**ଜୟପୁର, ୧୫।୬**
**(ପବନ ପାଣିଗ୍ରାହୀ)**

ବେଆଇନ ଭାବେ ଘରକୁ ପାଇପ ଲାଇନ ନେବାକୁ ରାସ୍ତା ଖୋଳିବାରୁ ଜଣେ ବ୍ୟକ୍ତିଙ୍କଠାରୁ ଜୟପୁର ପୌରପାଳିକା ଜରିମାନା ଆଦାୟ କରିଛି । ସହରର ପାର୍କଲାଇନର ସାତଭଉଣୀ ମନ୍ଦିର ନିକଟରେ ଜଣେ ବ୍ୟକ୍ତି ବେଆଇନ ଭାବେ ଘରକୁ ପାଇପ ଲାଇନ ନେବାକୁ ରାସ୍ତା ଖନନ କରିଥିଲେ। ଏହା ପୌରପାଳିକା ନଜରକୁ ଆସିବାରୁ ସମ୍ପୃକ୍ତ ଘର ମାଲିକଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରି ସେହି ଅର୍ଥରେ ରାସ୍ତାକୁ ଠିକ୍ କରାଯାଇଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି । ଏନେଇ ବିଗତ ଦିନରେ ଲୋକଙ୍କୁ ପୌରପାଳିକା ପକ୍ଷରୁ ସଚେତନ କରାଯାଇଥିଲା। ଲୋକେ ନିୟମ ନ ମାନି ପୌରପାଳିକାର ବିନା ଅନୁମତିରେ ରାସ୍ତା ଖୋଳି ଘରକୁ ପାଇପ୍ ଲାଇନ ନେବାକୁ ଉଦ୍ୟମ କରିବାରୁ ଜରିମାନା ଆଦାୟ କରାଯାଇଛି ବୋଲି ନିର୍ବାହୀ ଅଧିକାରୀ ପଟ୍ଟନାୟକ କହିଛନ୍ତି। ଆଗାମୀ ଦିନରେ ପୌରପାଳିକା ପକ୍ଷରୁ ଏଥିପ୍ରତି ନଜର ରଖାଯିବ ବୋଲି ସେ କହିଛନ୍ତି।



ପାଇପ ଲାଇନ ନେବାକୁ ଖୋଳାଯାଇଥିବା ରାସ୍ତା।

# କାଠ ଚୋରାଚାଲାଣ ବେଳେ ଚଢ଼ାଉ

**କୋରାପୁଟ, ୧୫।୬**
**(ଅମିତାଭ ବେହେରା)**

କୋରାପୁଟ ବନ ବିଭାଗ ପକ୍ଷରୁ ଗୁରୁବାର ଲଙ୍କାପୁଟ ଗ୍ରାମ ନିକଟରୁ ଚୋରାକାଠ ଚାଲାଣ ବେଳେ ଜବତ ହୋଇଛି। ତେବେ ବନ ବିଭାଗ କର୍ମଚାରୀଙ୍କୁ ଚକମା ଦେଖାଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। କୋରାପୁଟ ବ୍ଲକର ମହାଦେଇପୁଟ ପଞ୍ଚାୟତର ପଣସପୁଟ ଅଞ୍ଚଳରୁ ଲଙ୍କାପୁଟ ପଞ୍ଚାୟତକୁ କାର (ଓଆର ୧୦ ଏଫ-୯୭୭୪) ଯୋଗେ ସାଇଜ କାଠ ଚୋରାଚାଲାଣ କରାଯାଉଥିବା ସୂଚନାପାଇ କୋରାପୁଟ ରେଞ୍ଜର ରୋହିତ କୁମାର ଲଙ୍କାପୁଟ ଗ୍ରାମ ଉପକଣ୍ଠରେ କାରକୁ ଅଟକାଇଥିଲେ। ମାତ୍ର ବନ ବିଭାଗ କର୍ମଚାରୀଙ୍କୁ ଦେଖି କାର ଡ୍ରାଇଭର କାର ଛାଡି ଫେରାର ହୋଇଯାଇଥିଲେ। ବିଭାଗ ପକ୍ଷରୁ କାରରୁ ସିଜ୍ କରାଯାଇ କାର ଭିତରେ ଥିବା ପଣସ ଓ ଜାମୁନର ୧୦ ଖଣ୍ଡ କାଠ ଜବତ କରାଯାଇଛି। ଜବତ କାଠର ବଜାର ମୂଲ୍ୟ ୧୬ ହଜାର ଟଙ୍କା ହେବ ବୋଲି ରେଞ୍ଜର ରୋହିତ କୁମାର କହିଛନ୍ତି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, କୋରାପୁଟ ବ୍ଲକର ବିଭିନ୍ନ ଅଞ୍ଚଳରୁ ପଣସ, ଜାମୁନ, ସାଗୁଆନ ଆଦି ମୂଲ୍ୟବାନ କାଠ ଲଙ୍କାପୁଟ ପଞ୍ଚାୟତର ପଣ୍ଡି ଗ୍ରାମ ଦେଇ କୋଲାବ କୂଳକୁ ନିଆଯାଏ। ସେଠାରୁ ଡଙ୍ଗାରେ କେତେଲୋ ସମେତ ବିଭିନ୍ନ ଗ୍ରାମକୁ ନେଇ ସେଗୁଡିକୁ ଛତିଶଗଡ ଓ ଆନ୍ଧ୍ରକୁ ପଠାଯାଇଥାଏ।




- କାର ସହ ୧୦ ସିଏଫ୍‌ଟି କାଠ ଜବତ
- ଲଙ୍କାପୁଟ ପଞ୍ଚାୟତର ପଣ୍ଡି ଗ୍ରାମ ଦେଇ କାଠ ଯାଏ କୋଲାବ କୂଳକୁ
- ସେଠାରୁ ଯାଏ ଛତିଶଗଡ, ଆନ୍ଧ୍ର

## ସଂକ୍ଷେପରେ

### ରଜ ଉପଲକ୍ଷେ ପ୍ରତିଯୋଗିତା

ରାୟଗଡ଼ା, ୧୫।୬ (ଭାଗ୍ୟଶ୍ରୀ ମିଶ୍ର) - ମହିଳା କ୍ଲବ୍ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ-୨୦୨୩ ପାଳିତ ହୋଇଯାଇଛି। ରଜ ଉପଲକ୍ଷେ ମହିଳା ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟମାନଙ୍କ ପାଇଁ ୧ ମିନିଟ୍ ଖେଳ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୩୦ ଜଣ ମହିଳା ଭାଗ ନେଇଥିଲେ। ଅରୁଣା ବେହେରା ପ୍ରଥମ ହୋଇଥିବାବେଳେ ଛୋଟ ପିଲାଙ୍କ ପାଇଁ ୧ ମିନିଟ୍ ଖେଳରେ ଗୀତା ପୌଡ଼ ପ୍ରଥମ ହୋଇଛନ୍ତି। ସେହିପରି ମେହେନ୍ଦି ପ୍ରତିଯୋଗିତାରେ ୧୩ ଜଣ ଭାଗ ନେଇଥିବାବେଳେ ଶୁଭଶ୍ରୀ ନାୟକ ପ୍ରଥମ ହୋଇଥିଲେ। ପିଠୋଉ ଝୋଟି ପ୍ରତିଯୋଗିତାରେ ୧୦ ଜଣ ଭାଗ ନେଇଥିବାବେଳେ ସସ୍ମିତା ଚକ୍ରବର୍ତ୍ତୀ ପ୍ରଥମ ହୋଇଛନ୍ତି। ତେବେ କୃତୀ ପ୍ରତିଯୋଗୀଙ୍କୁ ଶେଷରଜ ବା ଶୁକ୍ରବାର ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ରାଜଲକ୍ଷ୍ମୀ କର, ଜେକେ ମହିଳା କ୍ଲବର ନୀତା ଦ୍ୱିବେଦୀ, ସଂସ୍କୃତି ଅନୁଷ୍ଠାନର ସଭାପତି ସୁଜାତା ପାଳ, ଆସିତା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ୟାପ୍ଟେନ ରୀତାରାଣୀ ମିଶ୍ର ଏବଂ ସୁଜାତା ମାଦଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମହିଳାମାନେ ଦୋଳି ଖେଳି ରଜ ପାଳନ କରିଥିଲେ।

### ଉତ୍କଳ ଗୋପାଳ ଗଉଡ ସମାଜର ବୈଠକ

ଟିକିରି ୧୫।୬ (ପ୍ରଫୁଲ୍ଲ କୁମାର ବେହେରା)- ଉତ୍କଳ ଗୋପାଳ ଗଉଡ ସମାଜ ରାଜ୍ୟ ସଭାପତି ଧରଣୀଧର ବେହେରାଙ୍କ ନିର୍ଦ୍ଦେଶକ୍ରମେ ରାୟଗଡା ଜିଲା ଉତ୍କଳ ଗଉଡ ସମାଜର ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର କାଶୀପୁର ବ୍ଲକ ଝୁରିଗାଁ ପଞ୍ଚାୟତର ଚେରକେଟା ଜଳପ୍ରପାତଠାରେ ଅନୁଷ୍ଠିତ ହୋଇଯାଇଛି। ଗଉଡ ସମାଜର ଜିଲା ସଭାପତି ସୁରତ କୁମାର ଗୋପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ୧୧୩ ଖଣ୍ଡ ଗାଁରେ ବାସ କରୁଥିବା ଗଉଡ ସମ୍ପ୍ରଦାୟର ପ୍ରାୟ ୭୦୦ ଗ୍ରାମବାସୀ ଯୋଗଦେଇଥିଲେ। ଜିଲା ଉପସଭାପତି ଶରତ ଗଉଡ ଯୋଗଦେଇ ଜିଲାସ୍ତରରେ ଗଉଡ ସମାଜର କମିଟି ଗଠନ, ନିଶା ନିବାରଣ ଓ ଶିକ୍ଷାଗ୍ରହଣ ଭଳି କାର୍ଯ୍ୟକ୍ରମକୁ ସମାଜ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଆଗାମୀ ଦିନରେ ଜିଲାରେ ରହୁଥିବା ସମସ୍ତ ଗଉଡ ଭାଇଭଉଣୀଙ୍କୁ ଏକଜୁଟ କରି କିପରି ସଂଗଠନକୁ ଆହୁରି ମଜବୁତ କରିହେବ ସେ ସମ୍ପର୍କରେ ସମସ୍ତେ ଉଦ୍ୟମ କରିବାକୁ ଜିଲା ସମ୍ପାଦକ ଶିବ ନାରାୟଣ ଗଉଡ କହିଥିଲେ। ସେହିପରି ଗଉଡ ସମ୍ପ୍ରଦାୟର ଜମିହୀନ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ବାସହୀନ ଗରୀବ ଲୋକଙ୍କୁ ୪ ଡିସିମିଲ ଘରଡିହ ପଟ୍ଟା ସହ କିଭଳି ଅନ୍ୟ ସରକାରୀ ସୁବିଧା ପ୍ରଦାନ କରାଯାଇପାରି ସେ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଯାଦବ ମହାସଭା ସଂଘର ରାଜ୍ୟସ୍ତରୀୟ ସମ୍ପାଦକ ଅମିତ ଗଉଡ, ଜଳଧର ଗଉଡ, ଗୋପଚନ୍ଦ୍ର ଗଉଡ, ସୁରେନ୍ଦ୍ର ଗଉଡ, କୃଷ୍ଣ ଗଉଡ, ରାମେଶ୍ୱର ଗଉଡ, ଉମ୍ଭୁଧର ଗଉଡ ପ୍ରମୁଖ ଉପସ୍ଥିତ ଥିଲେ।

# ମଞ୍ଜୁରି ଅପେକ୍ଷାରେ ନୌପଡା-ଗୁଣପୁର ରେଳପଥ

ଗୁଣପୁର, ୧୫।୬ (ପ୍ରଦୀପ କୁମାର ପାଢ଼ୀ)

ନୌପଡା-ଗୁଣପୁର ରେଳପଥ ଭିତ୍ତିଭୂମି ବିକାଶ ହେବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି। ଆନ୍ଧ୍ର ଓଡିଶା ରେଳ ବ୍ୟବହାରିକ ସଂଘ ଆବାହକ ଡ.ସତ୍ୟ ପ୍ରକାଶ ପଣ୍ଡାଙ୍କ ପତ୍ରର ଉତ୍ତର ଦେଇ ଏହାର ବିକାଶ ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମେ ୩ରେ ଡ.ପଣ୍ଡା ପୂର୍ବତଟ ରେଳ ବିଭାଗ ଅଧିକାରୀଙ୍କୁ ପତ୍ର ଲେଖି ନୌପଡା-ଗୁଣପୁର ରେଳପଥର ବିକାଶ ସହ ଗୁଣପୁର ଥେରୁବାଲି ରେଳପଥ ଉପରେ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପ୍ରଶ୍ନ କରିଥିଲେ। ଏହା ପରେ ପୂର୍ବତଟ ରେଳପଥ ଅଧୀନ ବିଶାଖାପାଟଣା କମର୍ସିଆଲ ଡିଭିଜନାଲ ମ୍ୟାନେଜରଙ୍କ ପକ୍ଷରୁ ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ ଅଖିଳେଶ କୁମାର ତ୍ରିପାଠୀ ରେଳ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଉତ୍ତର ରଖିଛନ୍ତି।

ଗୁଣପୁର ଏବଂ ପାରଳାଖେମୁଣ୍ଡିରେ ନିର୍ମାଣାଧୀନ ପ୍ଲାଟଫର୍ମ ନଂ.୧ରେ ଉଚ୍ଚତା ବୃଦ୍ଧି କାର୍ଯ୍ୟ ଅଗଷ୍ଟ ସୁଦ୍ଧା ସରିବ ବୋଲି କହିଛନ୍ତି। ଉଭୟସ୍ଥାନରେ ୨ ନଂ. ପ୍ଲାଟଫର୍ମ ସକାଶେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ପ୍ରସ୍ତାବ ଦିଆଯାଇଛି। ରେଲୱେ ବୋର୍ଡ ମଞ୍ଜୁରି ମିଳିଲେ କାର୍ଯ୍ୟହେବ ବୋଲି ସୂଚନା ଦିଆଯାଇଛି। ଲୋକଙ୍କ ଦୀର୍ଘ ଦିନର ଦାବି କାଶୀନଗର ଏବଂ ତେମ୍ଭୁରଠାରେ ନୂତନ ଷ୍ଟେଶନ ନିର୍ମାଣ ଏବଂ ଗୁଣପୁରଠାରେ ଦୁଇଟି ନୂଆ ଲୁପ୍ ଲାଇନ୍ ହେଲେ ଅଧିକ ଟ୍ରେନ ଯାତାୟାତ ସହ ଚଳାଚଳରେ ସମୟାନୁବର୍ତ୍ତିତା ରହିବା ସହ ଥେରୁବାଲକୁ ରେଳ ସଂଯୋଗ ହେଲେ ସମସ୍ୟାର ସମାଧାନ ହୋଇପାରିବ। ନୂଆପଡା ଏବଂ ଗୁଣପୁର ମଧ୍ୟରେ ଟ୍ରାକ୍‌ଗୁଡିକର ଦୃଢୀକରଣ କାର୍ଯ୍ୟ ଚାଲିଛି। ଏହା ସରିଲେ ବେଗ ବଢ଼ିବ ବୋଲି କହିଛନ୍ତି। ସେହିଭଳି ଗୁଣପୁର -ଥେରୁବାଲି ନୂଆ ରେଳପଥର ବୃତାନ୍ତ ଡିପିଆର ମଞ୍ଜୁରି ଅପେକ୍ଷାରେ ରହିଛି। ଏହାକୁ ମଞ୍ଜୁରି ମିଳିଲେ କାର୍ଯ୍ୟରେ ଅଗ୍ରଗତି ହେବ ବୋଲି ଭୁବନେଶ୍ୱର ପୂର୍ବତଟ ରେଳପଥ ନିର୍ମାଣ ବିଭାଗ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଗତ ୧୭ ତାରିଖରେ ଡ.ପଣ୍ଡାଙ୍କ ଦ୍ୱାରା ରଖାଯାଇଥିବା ଦାବୀ ଉପରେ ସୂଚନା ଦିଆଯାଇଛି।


୨ ନଂ ପ୍ଲାଟଫର୍ମରେ ଟ୍ରେନ ଆସିବା ପରେ ଯାତ୍ରୀମାନେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି।

### ଗୁଣପୁର- ଥେରୁବାଲି ନୂଆ ରେଳପଥର ଡିପିଆର ପ୍ରସ୍ତୁତ

ସୂଚନାଯୋଗ୍ୟ, ଗୁଣପୁର-ନୌପଡା ରେଳପଥରେ ବର୍ତ୍ତମାନ ୪ ଯୋଡା ଟ୍ରେନ ଚାଲୁ ରହିଛି। ଅଧିକ ଟ୍ରେନ ଚଳାଚଳ ସହ ବେଗ ବୃଦ୍ଧି, ୧ ନଂ. ପ୍ଲାଟଫର୍ମର ଉଚ୍ଚାତ ବୃଦ୍ଧି, ୨ ନଂ ପ୍ଲାଟଫର୍ମ ନ ଥିବାରୁ ଯାତ୍ରୀମାନେ ଯାତାୟାତରେ ହଇରାଣ ହେଉଛନ୍ତି। ବିଭିନ୍ନ ସମସ୍ୟା ଯୋଗୁ ଟ୍ରେନଗୁଡିକ ଠିକ୍ ସମୟରେ ରହୁନଥିବା ନେଇ ଲୋକେ ଏହାର ସମାଧାନ ପାଇଁ ଦୀର୍ଘ ଦିନରୁ ଦାବୀ କରୁଥିଲେ। ସେହିପରି ୨୦୧୭-୧୮ ବଜେଟରେ ୭୯.୧୫ ଦୂରତା ଗୁଣପୁର ଥେରୁବାଲି ରେଳପଥ ଲାଗି ୯୩୫.୭୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଗତ ବଜଟରେ ଏଥିଲାଗି ୫୦ କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ୬ ବର୍ଷ ବିତି ଥିଲେ ମଧ୍ୟ ଏହି ରେଳପଥର ଭାଗ୍ୟ ସୂତାଖିଅରେ ଝୁଲୁ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଚୋରା ବାଇକ୍ ର୍ୟାକେଟ୍‌ର ପର୍ଦ୍ଦାଫାଶ, ୨ ନାବାଳକଙ୍କ ସମେତ ୬ ଗିରଫ

ଜେକେପୁର, ୧୫।୬ (ନିଧି ଗାଣ୍ଡେଚା)

### ୧୨ ମୋଟରସାଇକେଲ, ୪ ମୋବାଇଲ ଓ ୧ ଲାପ୍‌ଟପ୍ ଜବତ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥାନା ଅଧିକାରୀ ଓ ଗିରଫ ଅଭିଯୁକ୍ତ।

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ପୋଲିସ ଏକ ଚୋରା ବାଇକ୍ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଦୁଇଟି ଭିନ୍ନ ମାମଲାରେ ଚୋରା ବାଇକ୍ ବିକ୍ରି ଅଭିଯୋଗରେ ୨ ନାବାଳକଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୧୨ଟି ଚୋରା ମୋଟରସାଇକେଲ, ୪ଟି ମୋବାଇଲ ଫୋନ ଏବଂ ଗୋଟିଏ ଲାପ୍‌ଟପ୍ ଜବତ କରିଛି। ଏ ସମ୍ପର୍କରେ ଚାନ୍ଦିଲି ଥାନା ଅଧିକାରୀ ଯଶୋବନ୍ତ ହିଆଲ ଗୁରୁବାର ଚାନ୍ଦିଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ବାଇକ୍ ଚୋରି ହୋଇଥିବା ନେଇ ଜଣେ ବ୍ୟକ୍ତି ଏପ୍ରିଲ ୧୦ ତାରିଖରେ ଚାନ୍ଦିଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଛାନ୍‌ଭିନ୍ ଆରମ୍ଭ କରିଥିଲା । ଚାନ୍ଦିଲି ଥାନା ଅନ୍ତର୍ଗତ ଭାକୁରଗୁଡ଼ା ଗ୍ରାମର କିଛି ନାବାଳକ ଏହି ବାଇକ୍ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା। ପୋଲିସ ଭାକୁରଗୁଡ଼ା ଗ୍ରାମରେ ଚଢ଼ାଉ କରି ୪ଜଣ ଅଭିଯୁକ୍ତଙ୍କ ସହ ୨ ନାବାଳକଙ୍କୁ ଗିରଫ କରିଥିଲା । ସେମାନେ ମୋଟରସାଇକେଲ ଚୋରି କରି ବିକ୍ରି କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା । ସେମାନଙ୍କଠାରୁ ପୋଲିସ ୫ଟି ବଜାଜ ପଲସର, ଗୋଟିଏ ହିରୋ ଗ୍ଲାମର, ୨ଟି ପ୍ୟାଶନ ପ୍ଲସ୍, ୨ଟି ହିରୋହୋଣ୍ଡା ସ୍ପ୍ଲେଣ୍ଡର, ଗୋଟିଏ ବଜାଜ ଡିସକଭର ଏବଂ ଗୋଟିଏ ହିରୋହୋଣ୍ଡା ସିବିଜେଡ୍ ଗାଡ଼ି ଜବତ କରିଛି । ସେହିଭଳି କୋତାପେଟା ଗ୍ରାମର ଜଣେ ବ୍ୟକ୍ତି ଚୋରା ସାମଗ୍ରୀ କିଣୁଥିବା ଖବରପାଇ ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଗୋଟିଏ ଚୋରି ଲାପ୍‌ଟପ୍ ଓ ୪ଟି ମୋବାଇଲ ଫୋନ ଜବତ କରିଛି। ତେବେ ଏହି ଚୋରିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେନେଇ ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ହିଆଲ ସୂଚନା ଦେଇଛନ୍ତି ।

# ରଥଯାତ୍ରାରେ ଖୋଲିବ ୧୭୬ ଷ୍ଟଲ୍

ରାୟଗଡ଼ା, ୧୫।୬ (ଆଶିଷ ରଞ୍ଜନ ପଣ୍ଡା):

ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ରଥଯାତ୍ରାରେ ବ୍ୟବସାୟୀମାନେ ଷ୍ଟଲ ଖୋଲିବାର ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ୧୭୬ଟି ଷ୍ଟଲ ବସିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଲଟେରି ମାଧ୍ୟମରେ ଦୋକାନ ବଣ୍ଟନ କରାଯିବ ବୋଲି ଦେବତ୍ତର ବିଭାଗ ତରଫରୁ ସୂଚନା ଦିଆଯାଇଛି। ବ୍ୟବସାୟୀଙ୍କୁ ଷ୍ଟଲ୍ ପ୍ରଦାନ ନିମନ୍ତେ ରାୟଗଡାର ଶ୍ରଦ୍ଧା ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଦେବତ୍ତର ବିଭାଗ ତରଫରୁ ଗୁରୁବାରଠାରୁ ଆବେଦନପତ୍ର ଗ୍ରହଣ କରାଯାଇଛି । ଏହି ଷ୍ଟଲ ନିମନ୍ତେ ଆବେଦନ ପାଇଁ ବ୍ୟସାୟୀଙ୍କ ଭିଡ଼ ଜମିଥିବା ଜଣାପଡ଼ିଛି। ବିଭିନ୍ନ ପ୍ରକାର ଖେଳଣା ସାମଗ୍ରୀ, କପଡ଼ା ସାମଗ୍ରୀ, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ରଥଯାତ୍ରା ଆରମ୍ଭରୁ ଶେଷ ଯାଏଁ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣଠାରୁ ଆରମ୍ଭ କରି ସହରର ମୁଖ୍ୟ ବଜାରରେ ଏହି ଷ୍ଟଲଗୁଡ଼ିକ ଖୋଲିବ । ତେଣୁ ନିଜ ନିଜ ଦୋକାନ ଖୋଲି ବ୍ୟବସାୟ କରିବା ପାଇଁ ବ୍ୟବସାୟୀମାନେ ଷ୍ଟଲ ନିମନ୍ତେ ଆବେଦନ କରିଛନ୍ତି । ଖବର ଲେଖିବା ପର୍ଯ୍ୟନ୍ତ ପ୍ରାୟ ୧୮୦ଟି ଆବେଦନ ଆସିଥିବା ରାଜସ୍ୱ ନିରୀକ୍ଷକ ଟି.ଶ୍ୟାମ ସୁନ୍ଦର ସୂଚନା ଦେଇଛନ୍ତି । ରଥଯାତ୍ରା ପ୍ରାରମ୍ଭରୁ ଶେଷ ଯାଏଁ ୧୦ଦିନ ପାଇଁ ଷ୍ଟଲ ବାବଦକୁ ୨୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ତହସିଲଦାର ତାପସ ରାଉତ ସୂଚନା ଦେଇଛନ୍ତି । ତେବେ ୧୭୬ଟି ଷ୍ଟଲ ପାଇଁ ନିଷ୍ପତି ହୋଇଥିବା ବେଳେ ଆବେଦନ ସଂଖ୍ୟା ଅଧିକ ରହିବାର ଅନୁମାନ କରାଯାଉଛି ।

### ଷ୍ଟଲ୍ ବଣ୍ଟନରେ ଅନିୟମିତତା ନ ହେଉ: ବ୍ୟବସାୟୀ ସଂଘ

ରାୟଗଡା, ୧୫।୬ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ରଥଯାତ୍ରାରେ ଦୋକାନ ଖୋଲିବା ପାଇଁ ଉଠା ଦୋକାନୀ ଓ ବ୍ୟବସାୟୀଙ୍କ ପାଇଁ ୧୭୬ ଟି ଷ୍ଟଲ ଖୋଲାଯାଇଥିବା ଜଣାପଡ଼ିଛି। ବ୍ୟବସାୟୀଙ୍କୁ ଷ୍ଟଲ୍ ପ୍ରଦାନ ନିମନ୍ତେ ରାୟଗଡାର ଶ୍ରଦ୍ଧା ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଦେବତ୍ତର ବିଭାଗ ତରଫରୁ ଗୁରୁବାରଠାରୁ ଆବେଦନପତ୍ର ଗ୍ରହଣ କରାଯାଇଛି। ତେବେ କିଛି ଅଣବ୍ୟବସାୟୀ ନିଜର ଆଧାରକାର୍ଡମାଧ୍ୟମରେ ଷ୍ଟଲ ହାତେଇ ନେଉଥିବା ଯୋଗୁ ସ୍ଥାନୀୟ ବ୍ୟବସାୟୀ ଏବଂ ସୁଦୂର ଆନ୍ଧ୍ରପ୍ରଦେଶ, ଛତିଶଗଡ, ପଶ୍ଚିମବଙ୍ଗ ଓ ବିହାରରୁ ଆସୁଥିବା ବ୍ୟବସାୟୀମାନେ ଦୋକାନ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି । ଏଥିସହ ଅଣ ବ୍ୟବସାୟୀମାନେ ଷ୍ଟଲ ରଖି ଚଢା ଦରରେ ବିକ୍ରି ପାଇଁ ପ୍ରୟାସ ଚଳାଇଥିବା ବ୍ୟବସାୟୀ ସଂଗଠନ ପକ୍ଷରୁ କୁହାଯାଇଛି। ପୂର୍ବରୁ ରଥଯାତ୍ରା ସମୟରେ ପ୍ରଶାସନ ପକ୍ଷରୁ ଷ୍ଟଲ ବ୍ୟବସ୍ଥା କରାଯାଇ ନ ଥିଲା । ଫଳରେ ସେମାନେ ରାସ୍ତା କଡ଼ରେ ସେମାନଙ୍କ ପସରା ମେଲାଇ ନିଜର ସାମଗ୍ରୀ ବିକ୍ରି କରିପାରୁଥିଲେ । ହେଲେ ଗତ କିଛି ବର୍ଷ ହେଲା ଷ୍ଟଲ୍ ବ୍ୟବସ୍ଥା ହେବା ପରଠାରୁ ଆଉ ସେମାନଙ୍କୁ ଷ୍ଟଲ ମିଳୁ ନାହିଁ କି ରାସ୍ତାକଡ଼ରେ ବି ସେମାନେ ବିକ୍ରି କରିପାରୁ ନ ଥିବା ବାହାର ରାଜ୍ୟରୁ ଆସିଥିବା ଆବେଦନ କାରୀମାନେ ଅଭିଯୋଗ କରିଛନ୍ତି। ତେଣୁ ଦୋକାନ ବଣ୍ଟନରେ ଅଣ ବ୍ୟବସାୟୀଙ୍କୁ ଦୂରେଇ ରଖିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି ।


ରଥଯାତ୍ରାରେ ଷ୍ଟଲ୍ ଆବେଦନ କରିବା ପାଇଁ ବ୍ୟବସାୟୀଙ୍କ ଭିଡ଼।

# ଶେଷ ପର୍ଯ୍ୟାୟରେ ରଥ ନିର୍ମାଣ କାମ



ବିଷମକଟକ ୧୫।୬ (ବିଭୂତି ଭୂଷଣ ନାୟକ) :

ରଥଯାତ୍ରା ଆଉ ୫ ଦିନ ରହିଥିବା ବେଳେ ରାୟଗଡ଼ା ଜିଲା ବିଷମକଟକର ବହୁ ପୁରାତନ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ରଥର କନକମୁଣ୍ଡି ଲଗାଯାଇ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉକ୍ତ ରଥଟି ୫ ବର୍ଷ ପୁରୁଣା ହୋଇଥିବାରୁ ଚଳିତବର୍ଷ ରଥର ପ୍ରାୟ ୮ ରୁ ୯ଟି ଚକା ଓ ଅଖ ନୂଆ ଲଗାଯାଇଛି। ରଥରେ ନୂଆ ଚାନ୍ଦୁଆ ମଧ୍ୟ ଲଗାଯିବା ନେଇ ଆଲୋଚନା ହେଉଛି। ରଥ ନିର୍ମାଣ ପାଇଁ ପ୍ରାୟ ୩ ରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି । ସେହିପରି ମୁଖ୍ୟ ରାସ୍ତା ମରାମତି ସହ ନବୀକରଣ କରାଯାଇଛି। ପଞ୍ଚାୟତ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନାକୁ ସଫା କରାଯାଇଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ସୌନ୍ଦର୍ଯ୍ୟକରଣ କରାଯାଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ରଥଯାତ୍ରାରେ ମିନାବଜାରରେ ଭଳିକି ଭଳି ଦୋକାନ ଖୋଲାଯିବ ବୋଲି ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର ଓ ସହରରେ ଥିବା ଅନ୍ୟାନ୍ୟ ଲକ୍ଷ୍ମୀମନ୍ଦିର ମରାମତି ଓ ସ୍ନାନମଣ୍ଡପ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଥିବା ତହସିଲଦାର ବିଘ୍ନରାଜ କଅଁର କହିଛନ୍ତି। ଅପରପକ୍ଷେ ଶ୍ରୀଗୁଣ୍ଡିଚା ମନ୍ଦିର ରଙ୍ଗକାମ ମଧ୍ୟ ଚାଲିଛି। ରଥଯାତ୍ରା ସୁଚାରୁ ରୂପେ ପରିଚାଳନା ପାଇଁ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ବୈଠକ ବସୁଛି । ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ପର୍ଯ୍ୟନ୍ତ ପ୍ରସାଦ ସେବନ ଓ ପ୍ରସାଦ ବିକ୍ରିର ବ୍ୟବସ୍ଥା କରାଯିବା ନେଇ ସୂଚନା ମିଳିଛି ।

# ମହିଳାଙ୍କ ମଙ୍ଗଳସୂତ୍ର ଝାମ୍ପିନେଲେ ଦୁର୍ବୃତ୍ତ

ରାୟଗଡ଼ା, ୧୫।୬ (ଆଶିଷ ରଞ୍ଜନ ପଣ୍ଡା)


ଲୁଟର ଶିକାର ହୋଇଥିବା ମହିଳା ।

ରାୟଗଡ଼ା ସହରରେ ଚୋର ଓ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ପ୍ରତିଦିନ କେଉଁଠି ନା କେଉଁ ଚୋରି, ରାହାଜାନି ହେଉଥିବା ଖବର ମିଳୁଥିଲେ ବି ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି । ଗୁରୁବାର ସକାଳେ ଜଣେ ବୟସ୍କା ମହିଳା ମର୍ନିଂୱାକ୍‌ରେ ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ତାଙ୍କ ବେକରୁ ସୁନା ମଙ୍ଗଳସୂତ୍ର ଟାଣି ନେଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ଲୁଟି ନେଇଥିବା ମଙ୍ଗଳସୂତ୍ର ପ୍ରାୟ ୬ଭରି ଓଜନର ହୋଇଥିବାବେଳେ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ମହିଳା ଜଣକ କହିଛନ୍ତି।

ସୂଚନା ଅନୁଯାୟୀ, ସାଇପ୍ରିୟାନଗର ବାସିନ୍ଦା କେ.ରାମାରାଓ ଓ ତାଙ୍କ ସ୍ତ୍ରୀ ଗୁରୁବାର ସକାଳେ ମର୍ନିଂୱାକ୍‌ରେ ଯାଇଥିଲେ । ସେମାନେ ଘରୁ ବାହାରି ବାଇପାସ୍ ଦେଇ ବାରିଖୋଲା ରାସ୍ତାରେ ଯିବା ସମୟରେ ରୟତ କଲୋନି ରାସ୍ତା ଛକ ଓ ରେଲୱେ କ୍ରସିଂ ମଧ୍ୟରେ ଜଣେ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପିନେଇ ଚମ୍ପଟ ମାରିଥିଲେ । ପରେ ଦମ୍ପତି ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ସମ୍ପର୍କରେ କୌଣସି ଟେର ପାଇନାହିଁ । ସହରରେ ଏହିଭଳି ଚୋରି ଓ ଛିନ୍‌ତାଇ ବାରମ୍ବାର ଘଟୁଥିଲେ ମଧ୍ୟ ପୋଲିସର ଅବହେଳା କାରଣରୁ ଧରାପଡୁ ନ ଥିବା ଅଭିଯୋଗ ହେଉଛି। ସେହିପରି ସହରରେ ସିସି କ୍ୟାମେରା ଖଞ୍ଜାଯାଇଥିଲେ ମଧ୍ୟ ତାହା କାମରେ ଆସୁ ନ ଥିବା କୁହାଯାଉଛି। ତେଣୁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଏଥିପ୍ରତି ଦୃଷ୍ଟିଦେଇ ଚୋରି ଓ ଲୁଟ ରୋକିବାକୁ ସାଧାରଣରେ ଦାବି ହୋଇଛି।

# ଡ୍ରାଇଭର ମହାସଂଘ ବୈଠକରେ ଯୋଗ ଦେଲେ ମନ୍ତ୍ରୀ

ବିଷମକଟକ ୧୫।୬ (ବିଭୂତି ଭୂଷଣ ନାୟକ) :


ଡ୍ରାଇଭର ମହାସଂଘର ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ଅନ୍ୟମାନେ ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଡ୍ରାଇଭର ମହାସଂଘର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିଲେ। ଡ୍ରାଇଭରମାନେ କିପରି ନିଜକୁ ନିଶାମୁକ୍ତ କରି ସୁସ୍ଥ ସମାଜ ଗଠନରେ ସହାୟକ ହେବେ ଏବଂ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ ସେ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଗତ ୩ ମାସ ପୂର୍ବେ ଡ୍ରାଭର ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ସଂଘର ଦାବିପୂରଣ କରିଥିବାରୁ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ, ବିଷମକଟକ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ , ଉପାଧ୍ୟକ୍ଷ ଦେବୀପ୍ରଦ ପଟ୍ଟନାୟକ , ଡି. ଶିବପ୍ରସାଦ, ରବୀନ୍ଦ୍ରନାଥ ପଣ୍ଡା, ପ୍ରଦୀପ କୁମାର ଗୁଡ୍ଡୁଲା, ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ପଟ୍ଟନାୟକ, ବସ୍ ମାଲିକ ସଂଘର ସଭାପତି ଶଶିଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମନ୍ତ୍ରୀ ସାରକା ଡ୍ରାଇଭର ସଂଘର ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ରାଶି ଦେବା ନିମନ୍ତେ ଘୋଷଣା କରିଥିଲେ ।

# କାଶୀପୁର ବ୍ଲକରେ ରଜ ଉତ୍ସବ

ଟିକିରି, ୧୫।୬ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ସ୍ଥାନରେ ଧୁମଧାମରେ ରଜ ଉତ୍ସବ ପାଳନ କରାଯାଉଛି। କୁଆଁରୀମାନେ ନୂଆ ପୋଷାକ ପିନ୍ଧି ରଜଗୀତ ଗାଇ, ଦୋଳି ଖେଳି, ପାନ ଓ ପିଠା ଖାଇ ରଜ ମଉଜ କରୁଥିବା ଦେଖିବାକୁ ମିଳିଛି। ସେହିପରି ଟିକିରିସ୍ଥିତ ବେହେରାସାହିରେ କୁମାରୀମାନେ ଦୋଳି ଖେଳି ରଜ ପାଳନ କରୁଛନ୍ତି । ହେଲେ ପୂର୍ବ ଭଳି ରଜରେ ଏତେ ଦୋଳି ଖେଳ ଆଉ ଦେଖିବାକୁ ମିଳୁନାହିଁ । କାଁ ଭାଁ କେଉଁଠି ଗଛରେ ଲାଗିଥିବା ଦୋଳିରେ ପିଲାମାନେ ଖେଳି ରଜ ପାଳନ କରୁଛନ୍ତି।

# ୪ ଫେରାର ଅଭିଯୁକ୍ତ ଗିରଫ

ଅମ୍ବାଦଳା, ୧୫।୬ (ରବୀନ୍ଦ୍ର ପଣ୍ଡା) :

### ଗଞ୍ଜେଇ ଚୋରା ଚାଲାଣ

ଗଞ୍ଜେଇ ଚୋରା କାରବାର ଅଭିଯୋଗରେ ଫେରାର ଥିବା ୪ ଅଭିଯୁକ୍ତଙ୍କୁ ଗୁରୁବାର ରାୟଗଡା ଜିଲା ଅମ୍ବାଦଳା ପୋଲିସ ଗିରଫ କରିଛି । ସେମାନେ ଆମ୍ବଦଳା ଗ୍ରାମର ଯୁଗେ ବାତ୍ରିଆ (୩୮), ମୁନିଗୁଡା ବିକାଶ ନଗରର ମହମ୍ମଦ ଇରଫାନ ଖାନ (୨୩), ଅସୁରପଡାର ରତ୍ନାଲୁ ପଦ୍ମନାଭ ଚୌଧୁରୀ (୩୮) ଓ ହାଟ ଦହିଖାଲର ନରସିଂହ ହିଆଲ (୪୨)। ପୁରୁଣା ମାମଲା ଅନୁଯାୟୀ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୧ ଡିସେମ୍ବର ୧ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ବେଳେ ତତ୍କାଳୀନ ଥାନା ଅଧିକାରୀ ଦେବଦତ୍ତ ମଲିକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ନିକଟସ୍ଥ ଦହିଖାଲ ରେଳ ଷ୍ଟେସନରୁ ୮୪ କିଗ୍ରା ୬୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ମାମଲାରେ ବିନୋଦ ଲିମା (୪୫)ଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୪ ଅଭିଯୁକ୍ତ ଫେରାର ହୋଇ କେରଳ ଚାଲିଯାଇଥିଲେ। ଏହି ୪ ଅଭିଯୁକ୍ତ ନିଜ ନିଜ ଗ୍ରାମକୁ ଆସିଥିବା ବିଶେଷ ସୂତ୍ରରୁ ପୋଲିସ ସୂଚନା ପାଇ ଥାନା ଅଧିକାରୀ କାର୍ତ୍ତିକେ ନାୟକ ସଦଳବଳ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ଏହି ଚଢ଼ାଉରେ ଏଏସଆଇ ଉମାକାନ୍ତ ଶବର, ଓପିଏଫ କନେଷ୍ଟବଳ ବି ମିର୍ଧା ଏବଂ ଏସ ଜାଗାରଙ୍ଗା ପ୍ରମୁଖ ସାମିଲ ଥିଲେ ।


ଗିରଫ ୪ ଅଭିଯୁକ୍ତ।

# ପାଳନ ହେଲାନି ଲୋକକଳା ଦିବସ, ରଜ ଉତ୍ସବ

ରାୟଗଡ଼ା, ୧୫।୬ (ଆଶିଷ ରଞ୍ଜନ ପଣ୍ଡା)

- ସରକାରୀ ନିର୍ଦ୍ଦେଶକୁ ଜିଲା ସଂସ୍କୃତି ବିଭାଗର ବେଖାତିର
- ଜିଲାର କଳା ଓ ସଂସ୍କୃତିପ୍ରେମୀ ନିରାଶ

ବିଭିନ୍ନ ପ୍ରକାର ଲୋକକଳା ଓ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ଏବଂ କଳାକାରଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତି ଜିଲାରେ ଜୁନ୍ ୧୪ ତାରିଖରେ ଲୋକକଳା ଦିବସ ପାଳନ କରାଯାଉଛି। ବୁଧବାର ସବୁ ଜିଲାରେ ଜିଲାସ୍ତରୀୟ ଲୋକକଳା ଦିବସ ପାଳନ କରାଯାଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରାଯାଇ ଲୋକକଳା ଦିବସ ପାଳନ କରାଯାଇ ନ ଥିବା ଅଭିଯୋଗ ଆସିଛି।

ଲୋକକଳା ଦିବସ ପାଳନ ପାଇଁ ଗତ ୯ ତାରିଖରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଚିଠି ନମ୍ବର ୮୫୭୧ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଚିଠିରେ ପ୍ରତିବର୍ଷ ଜୁନ୍ ୧୪ ତାରିଖରେ ଲୋକକଳା ଦିବସ ପାଳନ ପାଇଁ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ବିଭାଗୀୟ ଅଧିକାରୀଙ୍କ ଦସ୍ତଖତ ସହ ଉଲ୍ଲେଖ ରହିଛି । ଏହି ଲୋକକଳା ଦିବସ ପାଳନ ପାଇଁ ୪୦ ହଜାର ଟଙ୍କା ଘୂର୍ଣ୍ଣାୟନ ପାଣ୍ଠିରୁ ଖର୍ଚ୍ଚ କରିବାକୁ ଅନୁମତି ମଧ୍ୟ ରହିଛି। ହେଲେ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜିଲା ସଂସ୍କୃତି ବିଭାଗ ପକ୍ଷରୁ କାହିଁକି ଲୋକକଳା ଦିବସ ପାଳନ କରାଗଲା ନାହିଁ ବୋଲି ଜିଲାର କଳା ଓ ସଂସ୍କୃତିପ୍ରେମୀ ପ୍ରଶ୍ନ କରିଛନ୍ତି। ଏହି ଅବ୍ୟବସ୍ଥାକୁ ନେଇ ସେମାନେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏପରିକି ଜିଲା ସଂସ୍କୃତି ବିଭାଗରେ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକ ଜଣେ ଶିକ୍ଷକଙ୍କ ଇଙ୍ଗିତରେ ପରିଚାଳିତ ହେଉଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ସଂସ୍କୃତିପ୍ରେମୀ ଅଭିଯୋଗ କରିଛନ୍ତି। ଏହାର ସମସ୍ତ ପ୍ରମାଣ ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦାଖଲ କରାଯିବ ବୋଲି ସେମାନେ କହିଛନ୍ତି।

ଅନ୍ୟପକ୍ଷେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ରଜ ପାଳନ ହେଉଥିବା ବେଳେ ଚଳିତ ବର୍ଷ ରଜ ଉତ୍ସବ ବି ପାଳନ ହୋଇନାହିଁ । ରଜ ଅବସରରେ ୨ ଦିନ ହେଲା ଅନେକ ଯୁବତୀ ସଂସ୍କୃତି ଭବନ ଆସି ସେଠାରେ ତାଲା ଝୁଲୁଥିବା ଦେଖି ନିରାଶ ହୋଇ ଫେରିଛନ୍ତି । ସଂସ୍କୃତି ବିଭାଗର ଏଭଳି କାମକୁ ସାଧାରଣରେ ଘୋର ନିନ୍ଦା କରାଯାଇଛି । ଜିଲାର କଳାପ୍ରେମୀମାନେ ଜିଲାପାଳଙ୍କୁ ଏନେଇ ଅଭିଯୋଗ କରିବେ ବୋଲି ଜଣାପଡ଼ିଛି । ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଜିଲା ସଂସ୍କୃତି ବିଭାଗ ଖୋଲାଯାଇଥିଲେ ମଧ୍ୟ ଏହା ସ୍ଥାଣୁ ପାଲଟିଯାଇଥିବା ଅଭିଯୋଗ ହୋଇଛି। ଏଣୁ ରାଜ୍ୟ ସରକାର ଜିଲା ସଂସ୍କୃତି ବିଭାଗରେ ହେଉଥିବା ଅବ୍ୟବସ୍ଥାର ତଦନ୍ତକରି ଏହାର ସମାଧାନ କଲେ ଜିଲା କଳା ଓ ସଂସ୍କୃତି ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଦାବି ହୋଇଛି । ଗୁରୁବାର ରଜ ଉପଲକ୍ଷେ ସରକାରୀ ଛୁଟି ଥିବାରୁ ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ଛୁଟିରେ ଥିବା ଜଣାପଡ଼ିଛି। ତେବେ ଜିଲାରେ ଲୋକକଳା ଦିବସ ପାଳନ ନ ହେବା ସମ୍ପର୍କରେ ତାଙ୍କ ମୋବାଇଲ ନଂ.୯୬୬୮୩୫୦୫୩୦ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ଲକସ୍ତରୀୟ ଲୋକକଳା ଦିବସ ପାଳନ ପାଇଁ ସରକାରୀ ନିର୍ଦ୍ଦେଶ ଆସିଥିବା ଏବଂ ରାୟଗଡ଼ା ଜିଲାର ସମସ୍ତ ବ୍ଲକରେ ଏହା ପାଳନ କରାଯାଇଛି। କିନ୍ତୁ ଜିଲାସ୍ତରୀୟ ଲୋକକଳା ଦିବସ ପାଳନ ପାଇଁ କୌଣସି ନିର୍ଦ୍ଦେଶ ଆସି ନ ଥିବା ସେ କହିଛନ୍ତି। ଜିଲା କଳା ଓ ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ ବଛାଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାରେ ଲୋକକଳା ଦିବସ ପାଳନ ନ ହେବା ଜିଲାର କଳା ଓ ସଂସ୍କୃତି ପ୍ରେମୀଙ୍କ ପାଇଁ ଅତି ବିଡ଼ମ୍ବନାର ବିଷୟ । ଏନେଇ ଆଗାମୀ ଦିନରେ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।



ଜୁନ୍ ୧୪ ଓ ୧୫ ତାରିଖରେ ଜିଲା ସଂସ୍କୃତି କାର୍ଯ୍ୟାଳୟରେ ତାଲା ଝୁଲୁଛି ।

## ସଂକ୍ଷେପରେ

### ନିଟ୍ ପରୀକ୍ଷାରେ ମାଲକାନଗିରି ଛାତ୍ରୀଙ୍କ ସଫଳତା



ମାଲକାନଗିରି, ୧୫।୬ (ଦୁର୍ଯ୍ୟୋଧନ ପାତ୍ର)– ସାରା ରାଜ୍ୟରେ ନିଟ୍ ପରୀକ୍ଷାର ଫଳାଫଳ ବାହାରିଥିବା ବେଳେ ମାଲକାନଗିରି ସଦର ମହକୁମାସ୍ଥିତ ହାଇଟେକ୍ କଲୋନୀରେ ଛାତ୍ରୀ ଆନାମାଚେଟି ପ୍ରଜ୍ଞା ନିଟ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ସେ ଏହି ପରୀକ୍ଷାରେ ୬୧୭ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ମାଲକାନଗିରି ସଦର ମହକୁମାରେ ଶିକ୍ଷକ ସମ୍ପତି ଏମ୍. ନନ୍ଦିନି ଓ ଏ. ଇଶ୍ୱର ରାଓଙ୍କ କନ୍ୟା ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ବରଗଡଠାରେ ଯୁକ୍ତ ୨ ପାସ୍ କରି ବ୍ରହ୍ମପୁର ସରସ୍ୱତୀ ବିଦ୍ୟା ମନ୍ଦିରରେ ନିଟ୍ ପରୀକ୍ଷା ତାଲିମ ନେଇଥିଲେ। ତେବେ ଏ ସମ୍ପର୍କରେ ପ୍ରଜ୍ଞା ଆଗାମୀ ଦିନରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି।

### ହଳଧର ପୂଜାରୀ ରାଜ୍ୟ କୃଷକ ମୋର୍ଚ୍ଚା ପରିଷଦ ସଭ୍ୟ ମନୋନୀତ



ମାଲକାନଗିରି, ୧୫।୬ (ଦୁର୍ଯ୍ୟୋଧନ ପାତ୍ର)– ମାଲକାନଗିରି ଜିଲାର ଆଦିବାସୀ ନେତା ତଥା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସମ୍ପାଦକ ହଳଧର ପୂଜାରୀଙ୍କୁ ରାଜ୍ୟ କୃଷକ ମୋର୍ଚ୍ଚା ପରିଷଦ ସଭ୍ୟଭାବେ ମନୋନୀତ କରାଯାଇଛି। ଦୀର୍ଘ ବର୍ଷ ଧରି ଭାରତୀୟ କମ୍ୟୁନିଷ୍ଟ ପାର୍ଟିକୁ ଜିଲାରେ ଦୃଢ଼ କରିବା ସହ ନିରୀହ ଆଦିବାସୀ ଜଙ୍ଗଲ ଜମି ପଟ୍ଟା, ବିସ୍ଥାପିତମାନଙ୍କ ହକ୍ ପାଇଁ ଲଢ଼େଇ ଜାରି ରଖିଥିବା ବେଳେ ମଜଦୁର ସଂଗଠନଗୁଡ଼ିକର ନେତୃତ୍ୱ ନେଇ ସେ ମାଲକାନଗିରି ଜିଲା ସହ ରାଜ୍ୟସ୍ତରରେ ଜଣେ ବରିଷ୍ଠ ସମାଜିକକର୍ମୀ ଭାବେ ପରିଚିତ। ତାଙ୍କୁ ରାଜ୍ୟ କୃଷକ ମୋର୍ଚ୍ଚା ପରିଷଦ ସଭ୍ୟ ଭାବେ ମନୋନୀତ କରାଯାଇଥିବାରୁ ଜିଲାରେ କମ୍ୟୁନିଷ୍ଟ ଦଳର କର୍ମକର୍ତ୍ତା ଏବଂ କର୍ମୀମାନଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

### ରଥଯାତ୍ରାରେ ଖୋଲିବ ୧୭୬ ଷ୍ଟଲ୍

ରାୟଗଡ଼ା,୧୫।୬(ଆଶିଷ ରଞ୍ଜନ ପଣ୍ଡା): ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଭଳି ଏ ବର୍ଷ ମଧ ରଥଯାତ୍ରାରେ ବ୍ୟବସାୟୀମାନେ ଷ୍ଟଲ୍ ଖୋଲିବାର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ୧୭୬ଟି ଷ୍ଟଲ୍ ବସିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ଷ୍ଟଲ୍ ନିମନ୍ତେ ଆବେଦନ ପାଇଁ ବ୍ୟବସାୟୀଙ୍କ ଭିଡ଼ ଜମିଥିବା ଜଣାପଡ଼ିଛି। କାରଣ ଆବେଦନ ଦାଖଲ ପରେ ଲଟେରି ମାଧମରେ ଷ୍ଟଲ୍ ଦିଆଯିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ବିଭିନ୍ନ ପ୍ରକାର ଖେଳଣା ସାମଗ୍ରୀ, କପଡ଼ା ସାମଗ୍ରୀ, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ରଥଯାତ୍ରା ଆରମ୍ଭରୁ ଶେଷ ଯାଏଁ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣଠାରୁ ଆରମ୍ଭ କରି ସହରର ମୁଖ୍ୟ ବଜାରରେ ଏହି ଷ୍ଟଲ୍‌ଗୁଡ଼ିକ ଖୋଲିବ। ତେଣୁ ନିଜ ନିଜ ଦୋକାନ ଖୋଲି ବ୍ୟବସାୟ କରିବା ପାଇଁ ବ୍ୟବସାୟୀମାନେ ଷ୍ଟଲ୍ ନିମନ୍ତେ ଆବେଦନ କରିଛନ୍ତି। ଖବର ଲେଖିବା ପର୍ଯ୍ୟନ୍ତ ପ୍ରାୟ ୧୮୦ଟି ଆବେଦନପତ୍ର ଆସିଥିବା ରାଜସ୍ୱ ନିରୀକ୍ଷକ ଟି.ଶ୍ୟାମସୁନ୍ଦର ସୂଚନା ଦେଇଛନ୍ତି। ରଥଯାତ୍ରା ପ୍ରାରମ୍ଭରୁ ଶେଷ ଯାଏଁ ୧୦ଦିନ ପାଇଁ ଷ୍ଟଲ୍ ବାବଦକୁ ୨ହଜାର ୫ଶହ ଟଙ୍କା ଧାର୍ଯ୍ୟ କରାଯାଇଥିବା ତହସିଲଦାର ତାପସ ରାଉତ ସୂଚନା ଦେଇଛନ୍ତି। ତେବେ ୧୭୬ଟି ଷ୍ଟଲ୍ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଆବେଦନ ସଂଖ୍ୟା ଅଧିକ ରହିବାର ଅନୁମାନ କରାଯାଉଛି।

# କାଳବୈଶାଖୀରେ ଭାଙ୍ଗିଛି, ସଜଡ଼ା ଯାଉନି

### ୧୯ରେ ବିଦ୍ୟାଳୟ ଖୋଲିବ

ମାଲକାନଗିରି, ୧୫।୬ (ଦୁର୍ଯ୍ୟୋଧନ ପାତ୍ର)



ସ୍କୁଲ ପରିସରରେ ଜମା ହୋଇ ରହିଥିବା ଗଛ ଡାଳ ।

ଆସନ୍ତା ୧୯ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବ। କିନ୍ତୁ କାଳବୈଶାଖୀରେ କ୍ଷତିଗ୍ରସ୍ତ ହୋଇଥିବା ସ୍କୁଲଗୁଡ଼ିକ ଅଦ୍ୟାବଧି ମରାମତି ହୋଇ ନ ଥିବା ଜଣାପଡ଼ିଛି। ଗତ ୧ ତାରିଖରେ ମାଲକାନଗିରି ଜିଲାରେ କାଳବୈଶାଖୀରେ ବହୁ କ୍ଷୟକ୍ଷତି ହୋଇଥଲା। ସଦର ମହକୁମାରେ ଥିବା ୫–ଟି ବାଳକ ଉଚ୍ଚ ବିଦ୍ୟାଳୟ ଟିଣ ଉଡ଼ିଯିବା ସହ ବିଦ୍ୟାଳୟ ପରିସରରେ ଥିବା ଅନେକ ବଡ଼ ବଡ଼ ଗଛ ମଧ ଉପୁଡ଼ି ପଡ଼ିଛି। ଡାଳଗୁଡ଼ିକ ଭାଙ୍ଗି ଏଣେତେଣେ ପଡ଼ିଛି। ପାଣି ଟାଙ୍କି ପାଇପ୍‌ଗୁଡ଼ିକ ଗଛ ପଡି ଭାଙ୍ଗି ନଷ୍ଟ ହୋଇ ଯାଇଥିବା ଦେଖିବାକୁ ମିଳିଛି। ତେବେ ଘର ଉପରେ ପଡ଼ିଥିବା ବଡ଼ ଗଛଗୁଡ଼ିକ ଅଗ୍ନିଶମ କର୍ମଚାରୀମାନେ କାଟିଥିଲେ ମଧ ଘଟଣାସ୍ଥଳରେ ଡାଳ ଗଣ୍ଡି ପଡି ରହିଛି।

ବିଦ୍ୟାଳୟ ଖୋଲିବା ସମୟ ପାଖେଇ ଆସୁଥିଲେ ହେଁ ଏପର୍ଯ୍ୟନ୍ତ ଏହି ୫–ଟି ଉଚ୍ଚ ବିଦ୍ୟାଳୟ ପରିସର ସଫା କରାଯାଇନାହିଁ। ଗଛ, ଡାଳ ଓ ଟିଣଗୁଡ଼ିକ ତଳେ ପଡ଼ିରହିଛି। ଏପରି ସ୍ଥଳେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ କିପରି ଅଧ୍ୟୟନ କରିବେ ତାହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ଘଟଣା ପରଦିନ କାଳବୈଶାଖୀରେ ସ୍କୁଲ ନଷ୍ଟ ହୋଇଥିବା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଛି। ତେବେ ଏପର୍ଯ୍ୟନ୍ତ ମରାମତି ହୋଇନାହିଁ ବୋଲି ସେ କହିଛନ୍ତି ।

# ଉପାନ୍ତରେ ରଜପର୍ବ

ଚିତ୍ରକୋଣ୍ଡା, ୧୫।୬ (କ୍ଷୀରୋଦ ବେହେରା)

୨ ଦିନ ଧରି ସାରା ଓଡ଼ିଶାର କୋଣ ଅନୁକୋଣରେ ପହିଲି ରଜ, ରଜ ସଂକ୍ରାନ୍ତି ପାଳନ କରାଯାଇଛି। ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ, ଦୁର୍ଗମ ଏବଂ ଉପାନ୍ତ ଅଞ୍ଚଳରେ ରଜପର୍ବର ବାସ୍ନା ବାରିହୋଇ ପଡୁଥିଲା। ୨ ଦିନ ହେଲା ରଜ ପାଗ ଦେଇ ନ ଥିଲା କିମ୍ବା ରଜ ଭଳି ଲାଗୁ ନ ଥିଲା। ଉତ୍ତାପ ମାତ୍ରା ବଢ଼ିଯାଇଥିଲା। ତଥାପି ଲୋକେ ରଜକୁ ଉପଭୋଗ କରିବାକୁ ଚାହିଁ ବସିଥିଲେ। ବିଶେଷକରି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରେ ଦୀର୍ଘଦିନ ଧରି ରହି ଆସୁଥିବା ଉତ୍ତର ତଥା ମଧ୍ୟମ ଓଡ଼ିଶା ଅଞ୍ଚଳ ଜିଲାର ଜନସାଧାରଣ ରୋଜଗାର ପାଇଁ ସ୍ଥାନାନ୍ତର ହୋଇଥିବା ଏବଂ କେତେକ ପରିବାର ବ୍ୟବସ୍ଥିତ ହୋଇ ରହିଥିବା ଜନସାଧାରଣ ରଜକୁ ଧୁମଧାମରେ ପାଳନ କରିଥାନ୍ତି। ରଜଦୋଳି ସାଙ୍ଗକୁ ବିଭିନ୍ନ ପିଠାପଣା କରି ରଜଦୋଳି ଖେଳି, ପାନ ଖାଇ ପର୍ବ ପାଳି ଆସୁଥିବା ବେଳେ ଉକ୍ତ ଜନସାଧାରଣଙ୍କୁ ଅନୁକରଣ କରି ଉପାନ୍ତ ଅଞ୍ଚଳର ବହୁ ପରିବାର ରଜ ଦୋଳି ଖେଳିବା, ଆମ୍ବ ଓ ପଣସ ବାଣ୍ଟି ଖାଇବା ଇତ୍ୟାଦିକୁ ଆପଣେଇ ରଜ ପାଳନ କରୁଥିବା ଦେଖିବାକୁ ମିଳିଥିଲା। ରଜପର୍ବରେ ଦୋଳି ବନ୍ଧା ଯାଇଥିବା ସ୍ଥାନରେ ଗହଳି ଥିବା ଦେଖିବାକୁ ମିଳିଥିବା ବେଳେ ଚିତ୍ରକୋଣ୍ଡାସ୍ଥିତ ମାଟିବନ୍ଧ ପ୍ରକଳ୍ପ, ଝୁକୋ ପାର୍କ, ଗୁରୁପ୍ରିୟା ସେତୁ ଏବଂ ଝୁଲା ବ୍ରିଜ୍ ସ୍ଥାନରେ ଲୋକମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ଦେଖଣାହାରୀମାନେ ବୁଲି ଦେଖି ରଜର ମଜା ଉଠାଉଥିଲେ।

# ଏମ୍‌ପିଙ୍କୁ ଧନ୍ୟବାଦ ଦେଲେ ବଡଡୁରାଲବାସୀ

### ଦୂର ହେଲା ବଣ୍ଡାଘାଟିରେ ନେଟୱର୍କ ସମସ୍ୟା

କୁଡୁମୁଲୁଗୁମା, ୧୫।୬(ହୃଷୀକେଶ ସେଠୀ)



ମାଲକାନଗିରି ଜିଲା ଖଇରପୁଟ୍ ବ୍ଲକ ବଡଡୁରାଲ ପଞ୍ଚାୟତରେ ଦୀର୍ଘ ଦିନ ଧରି କୌଣସି ମୋବାଇଲ ନେଟ୍‌ୱର୍କ ସୁବିଧା ନ ଥିଲା। ବଡଡୁରାଲ ପଞ୍ଚାୟତ ଲୋକେ ନବରଙ୍ଗପୁର ଏମ୍‌ପିଙ୍କୁ ମୋବାଇଲ ଟାୱାର ବସାଇବା ପାଇଁ ଅନୁରୋଧ ପରେ ଏମ୍‌ପି ରମେଶ ଚନ୍ଦ୍ର ମାଝି କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେଥି ମଧ୍ୟରୁ ବଡଡୁରାଲ ପଞ୍ଚାୟତରେ ଗୁରୁବାର ଟାୱାର ଉଦ୍‌ଘାଟିତ ସହ କାର୍ଯ୍ୟକ୍ଷମ ହୋଇଛି। ବଡଡୁରାଲ ପଞ୍ଚାୟତବାସୀଙ୍କ ତରଫରୁ ସରପଞ୍ଚ ଭିକାରୀ କିର୍ଷାନୀ, ନବରଙ୍ଗପୁର ଏମ୍‌ପି ମାଝିଙ୍କୁ ଧନ୍ୟବାଦ ଦେଇଥିଲେ। ସରପଞ୍ଚ ପୂଜାର୍ଚ୍ଚନା କରି ମୋବାଇଲ ଟାୱାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସହ ସମିତି ସଭ୍ୟ ଚୈତନ କିର୍ଷାନୀ, ଗ୍ରାମ ମୁଖିଆ ଭିକାରୀ ପାଙ୍ଗି,ସୋନୁ ପାଙ୍ଗି ଓ କୃଷ୍ଣ କିର୍ଷାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯାତାୟାତ ପାଇଁ ୩ ପଞ୍ଚାୟତବାସୀ ହନ୍ତସନ୍ତ

### ରାସ୍ତା ପାଲଟିଛି ମରଣଯନ୍ତା

ମାଥିଲି,୧୫।୬(ସୁବାସ ଚନ୍ଦ୍ର ଖୁଡ଼ୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକର ୩ଟି ପଞ୍ଚାୟତ କତାପାଲି, ବଣ୍ଡାରିପୋଙ୍ଗମ ଓ ମେକା ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଫଳରେ ୩ ପଞ୍ଚାୟତ ଲୋକେ ଯାତାୟାତ ଲାଗି ହନ୍ତସନ୍ତ ହେଉଛନ୍ତି। ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି, କିନ୍ତୁ ଗୁହାରିକଲେ କୌଣସି ସୁଫଳ ମିଳୁନାହିଁ। ହାଟ ବଜାର,ବ୍ୟାଙ୍କ, ତହସିଲ, ବ୍ଲକ, ମେଡିକାଲ ହେଉ ବା କଲେଜ ସେମାନଙ୍କର ନିତିଦିନିଆ କାମ ପଡ଼ିଥାଏ, ଏହା ହିଁ ଯାତାୟାତ ଲାଗି ଏକ ମାତ୍ର ମୁଖ୍ୟ ରାସ୍ତା। ନିତିଦିନ ୩ ପଞ୍ଚାୟତର ଲୋକେ ଏହା ଉପରେ ନିର୍ଭର କରନ୍ତି । ଗାଁକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି ଆସିବାକୁ ହେଲେ ୩ ଘଣ୍ଟା ଲାଗୁଛି। ଗର୍ଭବତୀ ବା ଗୁରୁତର ରୋଗୀଙ୍କୁ ମେଡିକାଲ ନେବା ସମୟରେ ରାସ୍ତା. ଖରାପ ଯୋଗୁ ଘଣ୍ଟା ଘଣ୍ଟା ଧରି ଗାଡି ଛିଡ଼ା ହୋଇ ରହିଥାଏ । ଫଳରେ ରୋଗୀଙ୍କୁ ହଟହଟା ହେବାକୁ ପଡୁଛି ।



ଖାଲଖମାପୂର୍ଣ୍ଣ ରାସ୍ତା ।

୨୫ ବର୍ଷ ପୂର୍ବେ ୩ ପଞ୍ଚାୟତକୁ ସଂଯୋଗକରି ଏହି ରାସ୍ତା ନିର୍ମାଣ କରାଯାଇଥିଲା। ରକ୍ଷଣାବେକ୍ଷଣ କରା ନ ଯିବା ଫଳରେ ଏବେ ମରଣଯନ୍ତା ପାଲଟିଛି। ଯାତାୟାତ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନେ ଲୋକେ କଷ୍ଟରେ ଯାତାୟାତ କରୁଛନ୍ତି । ବର୍ଷାଦିନରେ ରାସ୍ତା ଏମାନଙ୍କ ଦୁର୍ଦ୍ଦଶାର କାରଣ ସାଜିଛି । ରାସ୍ତା ତମାମ ଖାଲଖମା ହୋଇ ପାଣି ଜମିଯାଉଛି । ଯାତାୟାତ ସମୟରେ ଦୁର୍ଘଟଣା ଘଟି ଜୀବନ ଯିବା ସହ ଖଣ୍ଡିଆ ଖାବରା ହୋଇ ଲୋକେ ମେଡ଼ିକାଲରେ ପଡୁଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପଛୁଆ ବର୍ଗ ସର୍ଭେରେ ଅନିୟମିତତା ଅଭିଯୋଗ

### ପଣ୍ଡୁ କ୍ଷେତ୍ରିୟଙ୍କ ଭ୍ରାତୃ ସମ୍ମିଳନୀ

ମାଲକାନଗିର,୧୫।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୋଣ୍ଡୁ କ୍ଷେତ୍ରୀୟ ସମ୍ପ୍ରଦାୟର ଏକ ବିଶାଳ ଭାତୃ ସମ୍ମିଳନୀ କାଳିମେଳା ବ୍ଲକ ଅନ୍ତର୍ଗତ ପୋଟେରୁ ସ୍ଥିତ ନରନାରାୟଣ ସେବାଶ୍ରମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ତପନ ସାନାଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ବର୍ତ୍ତମାନ ରାଜ୍ୟରେ ପଛୁଆ ବର୍ଗ ସର୍ଭେରେ ପାତର ଅନ୍ତର ହେଉଥିବା ପୋଣ୍ଡୁ କ୍ଷେତ୍ରୀୟ ସମାଜ ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟରେ ୨୦୮ ପ୍ରକାର ଉପଜାତିଙ୍କୁ ଏହି ସର୍ଭେ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ପଣ୍ଡୁ କ୍ଷେତ୍ରୀୟଙ୍କୁ ରାଜବଂଶୀଙ୍କୁ ପଶ୍ଚିମବଙ୍ଗ ଏବଂ ଅନ୍ୟାନ୍ୟ ଜିଲାରେ ଅନୁସୂଚିତ ଜାତି ମାନ୍ୟତା ମିଳିଥିବା ବେଳେ ଓଡିଶାରେ କିନ୍ତୁ ଏହି ବର୍ଗଙ୍କୁ ସାଧାରଣ ବର୍ଗରେ ଗଣା ଯାଇଛି। ତେବେ ଦଳିତ ପଛୁଆ ବର୍ଗରେ ପୋଲିୟା କ୍ଷେତ୍ରୀୟଙ୍କୁ ଅନ୍ତର୍ଭୁକ୍ତ କରା ଯାଇଥିବା ବେଳେ ପଣ୍ଡୁ କ୍ଷତ୍ରୀୟଙ୍କୁ ମଧ ଏହି ସର୍ଭେରେ ଅନ୍ତର୍ଭୁକ୍ତ କରାଯିବାକୁ ଦାବି କରାଯାଇଥିଲା । କିନ୍ତୁ ଆଗାମୀ ଦିନରେ ଏହି ସମ୍ପ୍ରଦାୟ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ଏକ ନୂତନ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ନିରାପଦ ବିଶ୍ୱାସ, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କବିରାଜ, କୋଷାଧ୍ୟକ୍ଷ ଅମଳ କୃଷ୍ଣ ମଣ୍ଡଳ, ଉପଦେଷ୍ଟା ସୁବାଷ ରାୟ, ଶିବପଦ ଗୋଲଦାର, ଦୁର୍ଗା ତ୍ରିପାଠୀ, ଅମରେଶ ମିର୍ଦ୍ଧା, ଅରୁଣ ସୁଧା, ପରିମଳ ମଣ୍ଡଳ ଓ ସୁବାଷ ତାଲୁକଦାର ପ୍ରମୁଖ ଉପସ୍ଥିତ ଥିଲେ।

# ରଥ ଯାତ୍ରା ପାଳନ ପ୍ରସ୍ତୁତି ବୈଠକ

ମାଲକାନଗିରି,୧୫।୬(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟର ବିଭିନ୍ନ ଅଞ୍ଚଳରେ ରଥ ନିର୍ମାଣ ଓ ରଥ ଯାତ୍ରା ପରିଚାଳନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମାଲକାନଗିରି ଜିଲା ସଦର ମହକୁମାର ଦୁଇଟି ସ୍ଥାନ ଯଥା ପୁରାତନ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ବନ ବିଭାଗ ତରଫରୁ ରଥ ଯାତ୍ରା ଅନୁଷ୍ଠିତ ହୋଇ ଆସଛି। ଗୁରୁବାର ବନ ବିଭାଗ ରଥ ଯାତ୍ରା ନିମନ୍ତେ ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଶୋଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶିଷ୍ଟ ବ୍ୟବସାୟୀ ସୁରେଶ ସୋମାନୀ, ପରିଚାଳନା କମିଟି ସଦସ୍ୟ ଅନିରୁଦ୍ଧ ଚୌଧୁରୀ, ଶିବ ପ୍ରସାଦ ପାତ୍ର, ମୂରଲି ମହାରଣା, ଡି.ଏରା ସ୍ୱାମୀ, ଦୀପଙ୍କର ଶିଉଳି, ଆଇନଜୀବି ଗିରିଜାନନ୍ଦନ ପାଣିଗ୍ରାହୀ, ପୂଜକ ରାଧେଶ୍ୟାମ ସାମନ୍ତରାୟ, ଦୁର୍ଯ୍ୟୋଧନ ପାତ୍ର, ହୃଷୀକେଷ ପାଣିଗ୍ରାହୀ, ମୁଖ୍ୟ କାରିଗର ଖଲି ମହାରଣା, ଗୋପାଳ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ମହାରଣାମାନେ ରଥ ନିର୍ମାଣ କାର୍ଯ୍ୟ ଶେଷ କରିଥିବାରୁ ସେମାନଙ୍କୁ କମିଟି ତରଫରୁ ଧନ୍ୟବାଦ ଦିଆଯାଇଥିଲା। ଆସନ୍ତା ୨୦ ତାରିଖ ମଧ୍ୟାହ୍ନ ୨ ଟାରେ ରଥ ପୂଜା, ୨.୩୦ରେ ପହଣ୍ଡି ବିଜେ, ୩ ଟାରେ ଛେରା ପହଁରା ଏବଂ ୩.୩୦ରେ ରଥ ଟଣା ହେବ। ସୁବାଷ ବୋଷ ଛକ ନିକଟ ମାଉସୀ ମା ମନ୍ଦିରରେ ତିନି ଠାକୁରଙ୍କୁ ସ୍ଥାପନ କରାଯିବ। ଏଥିସହ ବିଧି ବିଧାନ ଅନୁସାରେ ୯ ଦିନ ପୂଜାର୍ଚ୍ଚନା ଅନ୍ନଭୋଗ ଇତ୍ୟାଦି କିପରି କରାଯିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆଇନ ଶୃଙ୍ଖଳା ନିମନ୍ତେ ପୋଲିସ ବିଭାଗକୁ ସୂଚନା ଦିଆ ଯିବାସହ ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟୁତ୍ ବିଛିନ୍ନ ଏବଂ ସଂଯୋଗ କରିବା ପାଇଁ ବିଜୁଳି ବିଭାଗକୁ ଅବଗତ କରା ଯାଇଛି । ଗରମକୁ ଦୃଷ୍ଟିରେ ରଖି ଭକ୍ତମାନଙ୍କ ପାଇଁ ଥଣ୍ଡା ଜଳର ବ୍ୟବସ୍ଥା କରା ଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଶୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମ୍‌ପିଙ୍କ ପାଣ୍ଠିରୁ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ

ମାଲକାନଗିରି,୧୫।୬(ଦୁର୍ଯ୍ୟୋଧନ ପାତ୍ର)

ନବରଙ୍ଗପୁର ଏମ୍‌ପି ରମେଶ ମାଝିଙ୍କ ପାଣ୍ଠିରୁ ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନ କଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମ୍‌ପି ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସର ଉଦ୍‌ଘାଟନ କରିଥିଲେ। ପ୍ରଥମେ କୁଡୁମୁଲୁଗୁମ୍ମା ଚର୍ଚ୍ଚ ଗୃହର ଭିତିପ୍ରସ୍ତର ପରେ ନୋଡାଲ ବିଦ୍ୟାଳୟ, କୁଡୁମୁଲୁଗୁମ୍ମା, ଖଇରପୁଟର ଶିବ ମନ୍ଦିର ଓ ସାଇ ମନ୍ଦିର, ବଣ୍ଡା ସମାଜ, ଯାଦବ ସମାଜ, ପରଜା ସମାଜ ଓ ଗୋବିନ୍ଦପାଲ୍ଲୀ ଦୁର୍ଗାମଣ୍ଡପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ଜିଲା ପରିଷଦ ସଭ୍ୟ ବଳି ମାଝି, ଜିଲା ପରିଷଦ ସଭ୍ୟା ତଥା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଏମ୍‌ପି ପ୍ରତିନିଧି ଜଗନ୍ନାଥ ମାଝିଙ୍କ ସହ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ।

# ଉଦ୍ୟାନକୃଷି ଦ୍ୱାରା ୨୫ ଟନ ହଳଦୀ ବିହନ ବଣ୍ଟନ

ଚିତ୍ରକୋଣ୍ଡା,୧୫।୬ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ହଳଦୀ ଚାଷ ବେଶ ଆଦୃତି ଲାଭ କରିଛି। ସ୍ୱାଭିମାନ ଅଞ୍ଚଳବାସୀ ହଳଦୀ ଚାଷରୁ ଭଲ ଫାଇଦା ଉଠାଉଥିବା ବେଳେ ମାଲକାନଗିରି ଜିଲା ପ୍ରଶାସନ ଏବେ ଉପାନ୍ତ ଦୁର୍ଗମ ଅଞ୍ଚଳକୁ ହଳଦୀ ଚାଷକୁ ଆହୁରି ଆଗକୁ ନେବାକୁ ଆଗେଇ ଚାଲିଛି। ଜିଲା ଉଦ୍ୟାନ କୃଷି ଆନୁକୂଲ୍ୟରେ ଚିତ୍ରକୋଣ୍ଡା ଶାଖା କାର୍ଯ୍ୟାଳୟ ମାଧ୍ୟମରେ ଚିତ୍ରକୋଣ୍ଡା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ନମିତା ମାଝୀଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ କୁରୁମାନୁର, ପାପୁଲୁର, କପାତୁଟି, ନୂଆଗୁଡା, ଗୁଣ୍ଠାୱାଡ଼ା ପଞ୍ଚାୟତ ଅଞ୍ଚଳ ନିମନ୍ତେ ଚାଷୀ ମାନଙ୍କୁ ଏକ ଏକର ପିଛା ଏକ କୁଇଣ୍ଟାଲ ହଳଦୀ ଚାରା ଯୋଗାଉଥିବା ବେଳେ ଉକ୍ତ ଅଞ୍ଚଳ ନିମନ୍ତେ ୨୫ ଟନ ହଳଦୀ ଚାରା ଦୁର୍ଗମ ଅଞ୍ଚଳ ବାସୀଙ୍କୁ ଦିଆ ଯାଇଛି । ହଳଦୀ ଚାଷକୁ ଗୁରୁତ୍ୱ ଦେବା ଲାଗି ଉକ୍ତ ଅଞ୍ଚଳବାସୀ ଉକ୍ତ ଚାଷକୁ ନେଇ ସ୍ୱାବଲମ୍ବୀ ହେବେ ନେଇ ପ୍ରଶାସନ ସହାୟତାର ହାତ ବାଢ଼ିଛି। ଆଗାମୀ ଦିନରେ ହଳଦୀ ଚାଷରେ ଉପାନ୍ତ ଅଞ୍ଚଳବାସୀ ଉପକୃତ ହେବେ। ଉଦ୍ୟାନକୃଷି ଦ୍ୱାରା ଦୁର୍ଗମ ଉପାନ୍ତ ଅଞ୍ଚଳରେ ୨୫ ଟନ ହଳଦୀ ବିହନ ବଣ୍ଟନ ।



# ନାଲ୍‌କୋ ଖଣି ଅଞ୍ଚଳରେ ଫାଣ୍ଡି ଉଦ୍‌ଘାଟିତ

ଦାମନଯୋଡି,୧୫।୬(ନରସିଂହ ବ୍ରହ୍ମା)

ନାଲକୋ ପଞ୍ଚପଟ୍ଟମାଳି ବକସାଇଟି ଖଣି ଅଞ୍ଚଳରେ ଏକ ପୋଲିସ ଫାଣ୍ଡି (ଆଉଟ୍‌ପୋଷ୍ଟ) ଉଦ୍‌ଘାଟିତ ହୋଇଛି। ଏହି ଖଣି ଅଞ୍ଚଳ କାକିରିଗୁମ୍ମା ଥାନା ଅଧୀନରେ ୪୦ କି.ମି. ଦୂରରେ ରହିଛି। ବିଭିନ୍ନ ସମୟରେ ଖଣି ଅଞ୍ଚଳରେ ଘଟୁଥିବା ଛୋଟବଡ ଦୁର୍ଘଟଣା, ଶ୍ରମିକ ଆନ୍ଦୋଳନ, ଚୋରି ଆଦି ଘଟଣାରେ ଖବର ପାଇ ପୋଲିସ ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ପୋଲିସ ଫାଣ୍ଡି ପ୍ରତିଷ୍ଠା କରାଯାଇଛି। ଏହାଦ୍ୱାରା ଅପରାଧମୂଳକ କାର୍ଯ୍ୟକୁ ନିୟନ୍ତ୍ରଣ କରାଯାଇପାରିବ। ଉଦଘାଟନୀ ଅବସରରେ କୋରାପୁଟ ଡିଆଇଜି ଚରଣ ସିଂ ମିନା, ନାଲକୋ ସିଏମଡି ଶ୍ରୀଧର ପାତ୍ର, କୋରାପୁଟ ଏସ୍‌ପି ଅବିନଭ ସୋନକାର, ନାଲକୋ ଇଡି ସୁଶିଲ ପାଢୀଙ୍କ ସମେତ ନାଲ୍‌କୋ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗୋମୁହାଁ କୁମ୍ଭୀର ସଂରକ୍ଷଣ ଦାବି

ଚିତ୍ରକୋଣ୍ଡା,୧୫।୬ (କ୍ଷୀରୋଦ ବେହେରା)

- ଦିନବେଳା ମଧ ନଦୀକୁ ଯିବାକୁ ଭୟ ଲାଗେ
- ଗାଧୋଉଥିବା ବେଳେ ପିଲାଙ୍କୁ ଟାଣି ନେଇଥିଲା କୁମ୍ଭୀର
- ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀଙ୍କୁ ଜଣାଇବୁ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବନଖଣ୍ଡ ଅଞ୍ଚଳରେ ଦୀର୍ଘଦିନ ହେଲା ଗୋମୁହାଁ କୁମ୍ଭୀର ଦେଖିବାକୁ ମିଳୁଛି। ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ ଓ ବନପାଳ ମୃତ୍ୟୁଞ୍ଜୟ ସେଠୀ ମଧ ଏହାକୁ ସ୍ୱୀକାର କରି ଏହି ଗୋମୁହାଁ ପ୍ରଜାତିର କୁମ୍ଭୀରର ସଂରକ୍ଷଣ ହେବା ଆବଶ୍ୟକ ବୋଲି ମତ ଦେଇଛନ୍ତି। କୁମ୍ଭୀର ସଂରକ୍ଷଣ ଓଡ଼ିଶାର ଭିତରକନିକା ଓ ଟିକରପଡାରେ ହେଉଛି। ଏଭଳି କେତେକ ସ୍ଥାନରେ ଅଧିକ ପରିମାଣରେ କୁମ୍ଭୀର ଦେଖିବାକୁ ମିଳନ୍ତି। ଆନ୍ଧ୍ର–ଓଡ଼ିଶା ସୀମାନ୍ତ ତଥା ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ବାଲିମେଳା ଡ୍ୟାମ ଏବଂ ସିଲେରୁ ନଦୀ କୂଳରେ ଗୋମୁହାଁ କୁମ୍ଭୀର ଦେଖିବାକୁ ମିଳନ୍ତି। ଏହି କୁମ୍ଭୀର ଚିତ୍ରକୋଣ୍ଡାର ଜଲା ସାହି, ଈଶ୍ୱରଗୁଡ଼ା, ସନ୍ୟାସୀଗୁଡ଼ା, ଫୁଲପଦର ଏବଂ ଗୁରୁପ୍ରିୟା ସେତୁ ନଦୀ ପାର୍ଶ୍ୱରେ ଶୋଇ ରହନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଓ ବନକର୍ମଚାରୀ କହିଛନ୍ତି। ସୂଚନାଯୋଗ୍ୟ ବର୍ଷକ ତଳେ ଚିତ୍ରକୋଣ୍ଡା ଅପରେଟ କଲୋନୀର ଜଲା ସାହି ନାଳରେ ଆଦିବାସୀ ପିଲାମାନେ ଗାଧୋଉଥିବା ବେଳେ ଜଣେ ୧୦ବର୍ଷର ବର୍ଷର ପିଲାକୁ କୁମ୍ଭୀର ନଦୀକୁ ଟାଣି ନେଇଥିଲା। ସେହିପରି ଜଲା ସାହି, ଈଶ୍ୱରଗୁଡ଼ା, ସନ୍ୟାସୀଗୁଡ଼ା, ଫୁଲପଦର ଗ୍ରାମର କେତେକ ଗାଈ ଓ ଛେଳିଙ୍କୁ ମଧ କୁମ୍ଭୀର ନଦୀକୁ ଟାଣିନେବାର ନଜୀର ରହିଛି। ଗାଧୋଇବା ସମୟରେ ଦିନ ଦ୍ୱିପହରରେ ନଦୀକୁ କୁମ୍ଭୀର ଟାଣି ନେଇ ମାରି ଖାଇ ଦେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏବେ ମଧ ଦିନ ବେଳା ନଦୀକୁ ଯିବାକୁ ଭୟ ଲାଗେ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ନାୟକ ଏବଂ ବନପାଳ ସେଠୀଙ୍କୁ ପଚାରିବାରୁ ନଦୀରେ କୁମ୍ଭୀର ବାହାରୁଥିବା ସତ୍ୟ। ଆମେ ଝୁକୋ ପାର୍କ ପାର୍ଶ୍ୱରେ କୁମ୍ଭୀର ଦେଖିଛୁ ବୋଲି କହିଛନ୍ତି। କୁମ୍ଭୀର ସଂରକ୍ଷଣ ପାଇଁ ମାଲକାନଗିରି ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବୁ ବୋଲି ଉଭୟେ କହିଛନ୍ତି।

# କୋଠା କାର୍ଯ୍ୟ ନିମ୍ନମାନର ଅଭିଯୋଗ

### କୁଡୁମୁଲୁଗୁମ୍ମା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ

କୁଡୁମୁଲୁଗୁମ୍ମା,୧୫।୬(ହୃଷୀକେଶ ସେଠୀ)

କୁଡୁମୁଲୁଗୁମ୍ମା ଭେଟେରିନାରି ଅଫିସ କୋଠା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହି କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ ଠିକାଦାର ନେଇଛନ୍ତି। ସେ କାମ ଠିକ୍ ଭାବେ ତଦାରଖ କରୁ ନ ଥିବା ବେଳେ ଯନ୍ତ୍ରୀ କିମ୍ବା ଉପରସ୍ଥ ଅଧିକାରୀ ମଧ କାର୍ଯ୍ୟର ମାନ ନିରୂପଣ ନିମନ୍ତେ ଏଠାକୁ ଆସୁନାହାନ୍ତି। ଫଳରେ କୋଠା ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ବାହାର ଜିଲାର ଜଣେ ସୁପରଭାଇଜର, କେତେଜଣ ଠିକା ମିସ୍ତ୍ରି ଓ ଶ୍ରମିକଙ୍କ ଉପରେ କାମ ଛାଡ଼ିଦିଆଯାଇଛି।



ନିର୍ମାଣାଧୀନ କୋଠା ।

ଏଠାରେ ବ୍ୟବହାର ହେଉଥିବା ସାମଗ୍ରୀ ଅତି ନିମ୍ନମାନର ହେଉଥିବା ବେଳେ ଚଞ୍ଚକତାକରି ସିମେଣ୍ଟର ଭାଗ ମାପ ଅନୁଯାୟୀ ବ୍ୟବହାର କରାଯାଉ ନ ଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ କାର୍ଯ୍ୟର ଫାଉଣ୍ଡେଶନ ମଧ ଠିକ୍ ଭାବରେ କରା ନ ଯାଇ, ତରବରିଆ ଭାବେ ମାଟି ଢାଙ୍କି ଦିଆଯାଇ ତା'ଉପରେ ଇଟା ଯୋଡ଼େଇ କରାଯାଇଛି। ଯେମିତିକି ନିମ୍ନମାନର ନିର୍ମାଣ କାର୍ଯ୍ୟର ସୁରାକ କେହି ପାଇପାରିବେନାହିଁ। ସ୍ଥାନୀୟ ଲୋକେ ଉକ୍ତ କାର୍ଯ୍ୟକୁ ଠିକ୍ ଭାବେ କରିବା ପାଇଁ ତାଗିଦା କରିବା ସତ୍ତ୍ୱେ ସୁପରଭାଇଜର କର୍ଣ୍ଣପାତ କରୁ ନ ଥିବା ବେଳେ କାର୍ଯ୍ୟଟି ଅଳ୍ପ ଦିନ ମଧ୍ୟରେ ଭୁଶୁଡ଼ି ପଡିବା ଅଭିଯୋଗ ହେଉଛି। ଏଣୁ ଜିଲା ପ୍ରଶାସନ ତୁରନ୍ତ ଉକ୍ତ କୋଠା ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହ ଏଥିରେ ହୋଇଥିବା ଅନିୟମିତତା ନେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ କୁଡୁମୁଲୁଗୁମ୍ମା ଭିଏଏସ୍ ସୁଜିତ ପ୍ରସାଦ ଦାସଙ୍କୁ ପଚାରିବାରୁ କାମ ନିମ୍ନମାନର ହେଉଥିଲେ ମଧ ଠିକାଦାର କୌଣସି କଥା ଶୁଣୁ ନାହାନ୍ତି ବୋଲି କହିଛନ୍ତି ।

## ସଂକ୍ଷେପରେ

### ଅଟୋ-କାର ମୁହାଁମୁହିଁ, ୨ ଗୁରୁତର

ଡାବୁଗାଁ, ୧୫।୬ ( ପ୍ରଜ୍ଞାରଞ୍ଜନ ପରିଡ଼ା)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଝାଲିଆଗୁଡା ଜଙ୍ଗଲ ମଧରେ ଗୁରୁବାର ମଧାହ୍ନରେ ଏକ ଅଟୋ-କାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଏଥିରେ ଥିବା ୨ ଜଣ ଗୁରୁତର ହୋଇଛନ୍ତି। ଡାବୁଗାଁ-ଉମରକୋଟ ରାଜ୍ୟ ରାଜପଥ-୩୯ ଉପରେ ପୂଜାରିଗୁଡ଼ା ଗ୍ରାମରୁ ଏକ ଅଟୋ (ଓଡି-୨୪ଡି-୯୩୯୩) ଡ଼ାବୁଗାଁ ଅଭିମୁଖେ ଆସୁଥିଲେ। ଏହି ସମୟରେ ଡାବୁଗାଁ ପଟୁ ଉମରକୋଟ ଅଭିମୁଖେ ଯାଉଥିବା ଏକ କାର (ଡିଏଲ୍-୩ସିସି -୯୨୫୦) ଝାଲିଆଗୁଡ଼ା ଜଙ୍ଗଲ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ କାର ଚାଳକ ନବରଙ୍ଗପୁର ସହରର ମାନିକ ରଏ (୪୩) ଓ ପୁଜାରୀଗୁଡା ଗ୍ରାମର ଅଟୋ ଚାଳକ ପୁସ୍ତମ କଲାର (୧୯) ଆହତ ହୋଇଛନ୍ତି। ଖବରପାଇ ଡାବୁଗାଁ ଥାନା ଏଏସ୍ଆଇ ବିଜୟ କୁମାର ସାହୁ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ମାନିକପୁରୀ ପନକା ସମାଜର ଜିଲାସ୍ତରୀୟ କମିଟି ଗଠିତ

ଝରିଗାଁ, ୧୫।୬(କିଶୋର ଚନ୍ଦ୍ର ମଣ୍ଡଳ)- ନବରଙ୍ଗପୁର ଜିଲା ମାନିକପୁରୀ ପନକା ସମାଜର ଜିଲାସ୍ତରୀୟ କମିଟି ଝରିଗାଁ ବ୍ଲକ ଅନ୍ତର୍ଗତ କୁସୁମୀ କବୀର କୁଟୀରରେ ଗଠନ କରାଯାଇଛି। ଜିଲାର ୭ ବ୍ଲକରେ ଥିବା ମାନିକପୁରୀ ପନକା ସମାଜର ବ୍ଲକ ସଭାପତିଙ୍କ ସହମତିରେ ଆୟୋଜିତ ବୈଠକରେ ବରିଷ୍ଠ ମହନ୍ତ ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ସର୍ବସମ୍ମତି କ୍ରମେ ଜିଲା ସଭାପତିଭାବେ ନୀଳାମ୍ବର ପନକାଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉମରକୋଟ ବ୍ଲକର ରମେଶ ଦାସ କାର୍ଯ୍ୟକାରୀ ସଭାପତି, ଝରିଗାଁ ବ୍ଲକର କିରଣ ପନକା, ଉମରକୋଟର ମାଧବ ପନକା, କୋଷାଗୁମୁଡ଼ାର ଚନ୍ଦ୍ରଭାନୁ କାମେଡୀ, ପାପଡାହାଣ୍ଡିର ଭରତ ମିର୍ଗାନ, ରାଇଘରର ସୁକଚାନ୍ଦ ପନକା ଏବଂ ଡାବୁଗାଁର ଲକ୍ଷ୍ମଣ ପନକାଙ୍କୁ ଉପସଭାପତିଭାବେ ମନୋନୀତ କରାଯାଇଛି। ଝରିଗାଁ ବ୍ଲକର ମାନସାୟ ପନକାଙ୍କୁ ସାଧାରଣ ସମ୍ପାଦକ, ସହ ସମ୍ପାଦକଭାବେ ରାଇଘର ବ୍ଲକର ମୁନା ଦାସ ଏବଂ ଡାବୁଗାଁ ବ୍ଲକର କୃଷ୍ଣ ପନକାଙ୍କୁ ମନୋନୀତ କରାଯାଇଛି। ଝରିଗାଁ ବ୍ଲକ ନିବାସୀ ନାରାୟଣ ପନକାଙ୍କୁ କୋଷାଧକ୍ଷ, ଶଙ୍କର ଦାସ ପନକାଙ୍କୁ ଜିଲା ସଂଗଠକ ଏବଂ ପିତମ ପନକାଙ୍କୁ ସାଂଗଠାନିକ ସମ୍ପାଦକଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସମୀକ୍ଷକ ଭାବେ କାମଦେବ ପନକା, ବିଦ୍ୟା ଦାସ ପନକା, ଚନ୍ଦ୍ରମୋହନ ପନକା, ରାଜକୁମାର ପନକା ଏବଂ ଦୁର୍ଯୋଧନ ପନକାଙ୍କୁ ରଖାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ରାମଚନ୍ଦ୍ର ମହନ୍ତ, ଗରିବ ଦାସ ମହନ୍ତ, ମାନଦାସ ମହନ୍ତ, ପ୍ରେମ ଦାସ ମହନ୍ତ, ବେଣୁଦାସ ମହନ୍ତ, ଖଗ ଦାସ ମହନ୍ତ, ପ୍ରେମଦାସ ମହନ୍ତ, ପିଲାବାବୁ ପନକା, କୃଷ୍ଣ ଦାସ ପନକା ଏବଂ ପଦନ ଦାସଙ୍କୁ ରଖାଯାଇଛି। ବୈଠକକୁ ପିତମ ପନକା ପରିଚାଳନା କରିଥିଲେ। ଝରିଗାଁ ବ୍ଲକ ସଭାପତି ଲକ୍ଷ୍ମୀଧର ପନକା, ରାଇଘର ବ୍ଲକ ସଭାପତି କାର୍ତ୍ତିକ ପନକା, ଉମରକୋଟ ବ୍ଲକ ସଭାପତି ମୋହନ ପନକା, ଡାବୁଗାଁ ବ୍ଲକ ସଭାପତି ଦୁର୍ଯୋଧନ ପନକା, ଝରିଗାଁ ସମରଥ ନୋଉଲୁ ପନକା, ଲଛମନ ପନକା, ଚନ୍ଦ୍ର ପନକା, କିଶନ ପନକା, ଦୁଆ ଦାସ ପନକା ଉପସ୍ଥିତ ଥିଲେ।

# ରସିଦ୍ ୩ମାସର, ଚାଉଳ ଦିଆଯାଉଛି ୨ ମାସର

ତେନ୍ତୁଲିଖୁଣ୍ଟି, ୧୫।୬( ଚିଦାନନ୍ଦ ସାହୁ)

■ ଖାଦ୍ୟ ସୁରକ୍ଷାରେ ଚାଉଳ ଯୋଗାଣରେ ଅନିୟମିତତା ଅଭିଯୋଗ

■ ପଞ୍ଚାୟତବାସୀଙ୍କୁ ମିଳିନି, କିନ୍ତୁ ଷ୍ଟକରେ ନାହିଁ ୨୯୦ କୁଇଣ୍ଟାଲ ଚାଉଳ

ତେନ୍ତୁଲିଖୁଣ୍ଟି ବ୍ଲକର ଅନେକ ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀଙ୍କୁ ଠିକ୍ ସମୟରେ ଠିକ୍ ପରିମାଣରେ ମିଳୁ ନ ଥିବା ଅଭିଯୋଗ ହେଉଛି। ଯେଉଁ ମାସର ଚାଉଳ ସେହି ମାସ ପରିବର୍ତ୍ତେ କାହାର ସୁବିଧା ପାଇଁ ଏକାଥରକେ ୩ ମାସ ତ କେବେ ୨ ମାସର ଚାଉଳ ଦିଆଯାଉଛି। ବେଳେବେଳେ ୩ ମାସର ରସିଦ କାଟି ୨ ମାସର ଚାଉଳ ଦିଆଯାଉଥିବା ଦିଗି, ଝରିଗୁମ୍ମା, କଣ୍ଟାଗାଁ, କଂଗ୍ରା ପଞ୍ଚାୟତରୁ ଅଭିଯୋଗ ଆସୁଛି।

ଚଳିତ ମାସରେ ପୂଜାରିଗୁଡ଼ା ପଞ୍ଚାୟତର ଆଭ୍ୟନ୍ତରୀଣ ଅଞ୍ଚଳ ଡାକୁଲଗୁଡ଼ା, କାଦମାଲି, କପାଟସିଲ, ବଗେଇପଦର, ଖୁଣ୍ଟିପଦର, କାନ୍ଦ୍ରାଗୁଡ଼ା ନୂଆଗୁଡ଼ା ଗ୍ରାମବାସୀଙ୍କୁ ୧୩ ତାରିଖ ପର୍ଯ୍ୟନ୍ତ ରାଶନ ସାମଗ୍ରୀ ଦିଆଯାଇ ନ ଥିଲା। କିନ୍ତୁ ପଞ୍ଚାୟତ ଷ୍ଟକ୍‌ରେ ସେହି ବାବଦର ୨୯୦ କୁଇଣ୍ଟାଲ ଚାଉଳ ନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିପ୍ଣଣୀ ନିରୀକ୍ଷକ ରୋହିତ ମାଝି ତଦନ୍ତ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଷ୍ଟକ୍ ଗଲା କୁଆଡେ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏହାପରେ ଯୋଗାଣ ସହାୟକ କୃଷ୍ଣଚନ୍ଦ୍ର ରାଉତ ଗୁରୁବାର ଚାଉଳ ଯୋଗାଇ ଦେଇଛନ୍ତି। ସେହିଭଳି ଅଁଳାଭଟ୍ଟା ପଞ୍ଚାୟତରେ ୩ମାସର ଚାଉଳ ଗାଏବ ଘଟଣା ପରେ ମଧ୍ୟ ରାଶନ ସାମଗ୍ରୀ ଯୋଗାଣରେ ଅନିୟମିତତା ହେଉଥିବାରୁ ଭିତିରି ସଲାସୁତୁରାରେ ସବୁ ଚାଲୁଥିବା ଅଭିଯୋଗ କରାଯାଉଛି। ସେହିଭଳି କାମତା ପଞ୍ଚାୟତରେ ୩ କେଜି ଲେଖାଏ କାଟି ଦିଆଯାଉଥିବାରୁ ଚାଉଳ ନେବାକୁ ହିତାଧିକାରୀ ରାଜି ହେଉ ନ ଥିବା କହିଛନ୍ତି। ପ୍ରତି ବଣ୍ଟନ ବେଳେ ରସିଦ ନ କାଟିବା, ଚାଉଳ ନେଉ ନ ଥିବା ଯୋଗୁ ଷ୍ଟକ୍ ବଳକା ରହୁଛି। ପରବର୍ତ୍ତୀ ସମୟରେ କମ୍ ଚାଉଳ ଆସୁଛି ବୋଲି କେତେଜଣ ଯୋଗାଣ ସହାୟକ କହିଛନ୍ତି। ଗୌଡ଼ ଦେଓପାଲି ପଞ୍ଚାୟତରେ ଏବେ ପର୍ଯ୍ୟନ୍ତ ଅଫ୍‌ଲାଇନରେ ହିଁ ଚାଉଳ ଦିଆଯାଉଛି। ସେଠାକାର ପ୍ରତି ହିତାଧିକାରୀଙ୍କ ପାଖକୁ ଯାଇ ଠିକ୍ ରୂପେ ରାଶନ ସାମଗ୍ରୀ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ କେବେ ଯାଞ୍ଚ ହୋଇଛି କି ବୋଲି ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ। ହିତାଧିକାରୀଙ୍କ ମୃତ୍ୟୁ ପରେ ତାଙ୍କ ବାବଦ ରାଶନ ତୁରନ୍ତ କାଟିବା ପାଇଁ ବ୍ୟବସ୍ଥା କରାଯାଉଛି କି ନାହିଁ ଯଦି ନା କେତେ ମାସ ପରେ ବା କେବେ ମୃତକ ଙ୍କ ନାମ ରାଶନ ତାଲିକାରୁ କଟୁଛି। ଜନ୍ମ ହୋଇଥିବା ପରିବାର ସଦସ୍ୟଙ୍କ ନାମ ସଂଲଗ୍ନ କେବେ କରାଯାଉଛି କି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ହିତାଧିକାରୀଙ୍କୁ ଚାଉଳ କମ୍ ଦେବା ସମ୍ପର୍କରେ ଯୋଗାଣ ନିରୀକ୍ଷକ ରୋହିତ ମାଝିଙ୍କୁ ପଚାରିବାରୁ ଷ୍ଟକ୍ କମ୍ ଯୋଗୁ ୩କେଜି କାଟି ଚାଉଳ ଦେବାକୁ କହିବାରୁ ହିତାଧିକାରୀ ନେବାକୁ ରାଜି ହେଉ ନ ଥିଲେ। କିନ୍ତୁ ଗୁରୁବାର କାମତା ପଞ୍ଚାୟତରେ ଗୋଟିଏ ଗ୍ରାମକୁ ଛାଡ଼ି ଅନ୍ୟ ଗ୍ରାମରେ ବିନା କଟ୍‌ନିରେ ଚାଉଳ ଦିଆଯାଇଛି ବୋଲି ସେ କହିଛନ୍ତି। ଛୁଆଟିଏ ଜନ୍ମହେବାର ୫ବର୍ଷ ପରେ ତାଙ୍କ ନାମ ରାଶନ କାର୍ଡରେ ଚଢୁଛି। ସେହିଭଳି ଜଣେ ହିତାଧିକାରୀଙ୍କ ମୃତ୍ୟୁ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ରିପୋର୍ଟ ଦେଲେ ସେହି ମାସରେ ତାଙ୍କ ନାମ ତାଲିକାରୁ କଟାଯାଉଛି ବୋଲି ସେ କହିଛନ୍ତି।



ନବରଙ୍ଗପୁର ଜିଲାର ଲାଖ ଶିଳ୍ପୀ ପ୍ରଭାତୀ ପାତ୍ରଙ୍କୁ ଲାଖ ହସ୍ତଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ହେତୁ ଜୟ ମାଁ ଭବାନୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ 'ସେବା ରତ୍ନ ସମ୍ମାନରେ' ସମ୍ମାନିତ କରାଯାଉଛି।

# ତୁଳସୀ ଘାଟିରେ ବିଏସ୍‌ଏଫ୍ ଆଇଜି


ତୁଳସୀ ଘାଟି ଅଞ୍ଚଳରେ ବିଏସ୍‌ଏଫ୍ ଆଇଜି ଜନସାଧାରଣଙ୍କ ସହ ଆଲୋଚନା କରୁଛନ୍ତି ।

ମାଥିଲି, ୧୫।୬( ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ତୁଳସୀ ଘାଟି ଅଞ୍ଚଳକୁ ଗୁରୁବାର ବିଏସ୍‌ଏଫ୍ ଆଇଜି ଡି.କେ ଶର୍ମା ଗସ୍ତ କରିଥିଲେ। ଲାଲ କରିଡର ରୂପେ ପରିଚିତ ଏହି ଅଞ୍ଚଳକୁ ଆଇଜି ଶର୍ମା ଗସ୍ତ କରି ଅଞ୍ଚଳବାସୀଙ୍କୁ ନୂଆ ଆଶା ଦେଖାଇଛନ୍ତି। ସେ ଗସ୍ତ ବେଳେ ଲୋକଙ୍କ ସହ ମିଶି ନାଚଗୀତରେ ବିଭୋର ହୋଇଥିଲେ। ଏହି ଅବସରରେ ସେ ହିଂସା ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀମାନଙ୍କୁ ଆହ୍ୱାନ ଦେଇଥିଲେ। ତେବେ ବନ୍ଧୁକ ଦେଖାଇଲେ ଆମେ ମଧ ଏହାର ଜବାବ ଦେଇପାରିବୁ ବୋଲି ସେ କହିଥିଲେ।

# ନିଟ୍ ପରୀକ୍ଷାରେ ଆଶୁତୋଷଙ୍କ ସଫଳତା

ଡାବୁଗାଁ, ୧୫।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)


ମା' ବାପାଙ୍କ ସହ ଆଶୁତୋଷ ।

ସର୍ବ ଭାରତୀୟ ମେଡିକାଲ ପରୀକ୍ଷା (ନିଟ)ରେ ନବରଙ୍ଗପୁର ଜିଲା ଡାବୁଗାଁରେ ରହୁଥିବା ଆଶୁତୋଷ ଦୁର୍ଗାପ୍ରସାଦ ନାୟକ ସଫଳତା ପାଇଛନ୍ତି। ଆଶୁତୋଷ ନିଟ ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୧୯୨୮ ର୍‍ୟାଙ୍କରେ ଅଛନ୍ତି। ସେ ୭୨୦ରୁ ୬୭୬ ନମ୍ବର ରଖିଛନ୍ତି। ମା ନୟନା ନାୟକ ଜଣେ ଶିକ୍ଷୟତ୍ରୀ ହୋଇଥିବାବେଳେ ବାପାଅଶୋକ କୁମାର ନାୟକ ଜଣେ ବ୍ୟବସାୟୀ। ଛୋଟ ବେଳୁ ଡାକ୍ତର ହେବା ଲକ୍ଷ୍ୟ ରଖିଥିଲେ। ଆଶୁତୋଷ ଡାବୁଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ଡାବୁଗାଁ ସରକାରୀ ପଞ୍ଚାୟତଉଚ୍ଚ ବିଦ୍ୟାଳୟରେ ପଢ଼ି ୧୦ମରେ ଉତ୍ତୀର୍ଣ୍ଣ ହୋଇଥିଲେ। କୋରାପୁଟ ଟ୍ୟାଲେଣ୍ଟ କଲେଜରୁ ୨୦୨୦ରେ ଯୁକ୍ତ ୨ ବିଜ୍ଞାନ ପାଠ ଶେଷ କରି ଭୁବନେଶ୍ୱରରେ ନିଟ କୋଚିଂ ନେଇଥିଲେ। ୩ୟ ଚେଷ୍ଟାରେ ସେ ସଫଳତା ପାଇଛନ୍ତି। ତାଙ୍କ ସଫଳତାରେ ଡାବୁଗାଁ ଅଞ୍ଚଳବାସୀ ଖୁସି ପ୍ରକାଶ କରିଛନ୍ତି। ଅନେକେ ଆଶୁତୋଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୯୨ କଇଁଛ ଉଦ୍ଧାର, ୨ ଗିରଫ

ପାପଡାହାଣ୍ଡି,୧୫।୬ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଥାନା ପୋଲିସ ପକ୍ଷରୁ ୯୨ କଇଁଛ ଉଦ୍ଧାର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ୨ଟି ବାଇକ୍ ଜବତ କରାଯାଇଥିବା ମଇଦଲପୁର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ୍ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଆମପାଣିର ଚୈତନ୍ୟ ରାଉତ ଓ ଡାବୁଗାଁ ରାଜେଶ ପାଇକ। ଆମପାଣିରୁ ଝରିଗାଁକୁ ସେମାନେ କଇଁଛ ଚାଲାଣ କରୁଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

କଇଁଛ ଚାଲାଣ ଖବରପାଇ ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ମଇଦଲପୁର ଥାନାଧିକାରୀ ନଟବର ନନ୍ଦ ଏକ ଟିମ୍ ଗଠନ କରି କେନ୍ଦୁଗୁଡ଼ା ଗ୍ରାମରେ ଚଢ଼ାଉ କରିଥିଲେ। ସେଠାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଛି। ଆମପାଣିରୁ ଡାବୁଗାଁକୁ କଇଁଛ ଚାଲାଣ କରାଯାଉଥିବାବେଳେ ପୋଲିସ କେନ୍ଦୁଗୁଡା ନିକଟରେ ସେମାନଙ୍କୁ ଧରିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ଉଦ୍ଧାର ୯୨ କଇଁଛକୁ ମଇଦଲପୁର ବନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଖବରଦାତା ସମ୍ମିଳନୀରେ ମଇଦଲପୁର ବନପାଳ ମଧୁସୂଦନ ପାତ୍ର, ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।



ପାପଡାହାଣ୍ଡି ଏସ୍‌ଡିପିଓ ଖବରଦାତା ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି। ଉଦ୍ଧାର କଇଁଛ।

## ବାଇକ୍ ଚୋରି, ଥାନାରେ ଏତଲା

ଉମରକୋଟ, ୧୫।୬(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଭଞ୍ଜମଣ୍ଡପ ଛକରେ ଥିବା ଅର୍ଜୁନ ପଣ୍ଡାଙ୍କ ଦୋକାନ ସମ୍ମୁଖରୁ ଗୁରୁବାର ଅପରାହ୍ନ ୪ଟାରେ ଅବଦୁଲ ଅସରଫଙ୍କ ଏକ ବାଇକ ଚୋରି ହୋଇଛି। ଅବଦୁଲ ଅର୍ଜୁନ ପଣ୍ଡାଙ୍କ ଦୋକାନରେ କାମ କରନ୍ତି। ସେ ପ୍ରତିଦିନ ପରି ତାଙ୍କର ଗ୍ଲାମର ବାଇକ ଦୋକାନ ସମ୍ମୁଖରେ ରଖି ଦୋକାନକୁ ଯାଇ କାମ କରୁଥିଲେ। ଦିନ ପ୍ରାୟ ୪ଟା ବେଳକୁ ଘରକୁ ଯିବା ପାଇଁ ଦେଖିବା ବେଳକୁ ଦୋକାନ ଆଗରେ ବାଇକ ନଥିଲା। ଆଖପାଖ ସ୍ଥାନରେ ବହୁ ଖୋଜାଖୋଜି କରିବା ପରେ ଗାଡ଼ି ମିଳି ନ ଥିଲା। ଏହାପରେ ଅବ୍‌ଦୁଲ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସିସି ଟିଭି ଫୁଟେଜ ଯାଞ୍ଚ କରାଯାଇ ତଦନ୍ତ କରାଯାଉଛି ବୋଲି ଥାନା ସବ୍‌ଇନ୍ସପେକ୍ଟର ସନ୍ତୋଷ ମାଝି କହିଛନ୍ତି। ଦିନ ଦ୍ୱିପହରରେ ସହରରୁ ଚୋରି ହେବାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ବ୍ୟାସକବିଙ୍କ ଶ୍ରାଦ୍ଧ ଦିବସ ପାଳିତ



ଉମରକୋଟ, ୧୫।୬(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଫକିର ମୋହନ ପାଠାଗାରରେ ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସଭାରେ ଚନ୍ଦାହାଣ୍ଡି ବିଡିଓ ତଥା ଯୁବ କବି ଧର୍ମରାଜ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଉମେଶ ଭୁକ୍ତା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଫକୀର ମୋହନଙ୍କ ଅବଦାନ ସମ୍ପର୍କରେ କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସୁରେନ୍ଦ୍ର ନାଥ ଦାସ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ବିଷମକଟକର ଗୋଷ୍ଠୀ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଅଧକ୍ଷ ଶୈଳରାଜ ଏମ୍‌ଡି, ଉମରକୋଟ ଗୋଷ୍ଠୀ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଅଧକ୍ଷ ମିତ୍ର କୁମାର ଶର୍ମା, ପ୍ରଧାନଶିକ୍ଷକ ନରେଶଚନ୍ଦ୍ର ପଟ୍ଟନାୟକ ଯୋଗଦେଇଥିଲେ। ସେମାନେ ଫକୀର ମୋହନଙ୍କର ସଂଘର୍ଷମୟ ଜୀବନ ଓ ସାରସ୍ୱତ ସାଧନା ସମ୍ପର୍କରେ ଆଲୋଚନ କରିଥିଲେ। ଶାନ୍ତିଲତା ମହାନ୍ତି ଉଦ୍‌ଘାଟନ ସଙ୍ଗୀତ ଗାନ କରିଥିଲେ। ପ୍ରଭାତୀ ଦେବନାଥ, ଅମ୍ବିକା କଲାର, ପିତାମ୍ବର ବେହୁରିଆ ପ୍ରମୁଖ ବ୍ୟାସକବିଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ହରିହର ଶତପଥୀ, ବୈକୁଣ୍ଠନାଥ ମହାପାତ୍ର, ଗଣେଶ ପ୍ରାସଦ ରଣା, ସଞ୍ଜୟ ପରିଡ଼ା, ରାମଚନ୍ଦ୍ର ରାମ, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି ଦାବି

ତେନ୍ତୁଲିଖୁଣ୍ଟି ୧୫।୬ (ଚିଦାନନ୍ଦ ସାହୁ)

ଆଗକୁ ରଥଯାତ୍ରା। ନବରଙ୍ଗପୁର ଜିଲା ଖାତିଗୁଡ଼ା ମୁଖ୍ୟ ରାସ୍ତାରେ ରଥଯାତ୍ରା ବେଳେ ରଥ ଗଡ଼ିବ । ହେଲେ ପାନୀୟ ଜଳ ଯୋଗାଣ ପାଇଁ ଖାତିଗୁଡା ମୁଖ୍ୟ ରାସ୍ତାର ପାର୍ଶ୍ୱରେ ପାଇପଲାଇନ ବିଛାଇବା ଉଦ୍ଦେଶ୍ୟରେ ରାସ୍ତା ଖୋଳାଯାଇଥିଲା। ପାଇପ୍ ବିଛା କାମ ସରିବା ପରେ ରାସ୍ତା ମରାମତି କରା ନ ଯାଇ କେବଳ ମାଟି ଓ ଗୋଡ଼ିରେ ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାରେ ରଥ ଗଡ଼ିଲେ ରଥ ଚକ ଦବିଯିବା ସମ୍ଭାବନା ରହିଛି। ଏହାବ୍ୟତୀତ ରଥଟଣା ବେଳେ ଉକ୍ତ ସ୍ଥାନରେ କାହାର ଗୋଡ଼ ଫସିଯିବାର ମଧ ସମ୍ଭାବନା ରହିଛି। ଏ ସବୁ ବିପଦ ଆଶଙ୍କାକରି ବୁଧବାର ହିନ୍ଦୁ ଏକତା ବାହିନୀର ଓ ଗୋପାଳ ଶ୍ରୀକ୍ଷେତ୍ର ପରିଚାଳନା କମିଟି ପକ୍ଷରୁ ଖାତିଗୁଡା ଥାନା ଅଧିକାରୀ ଦୀପକ ଲେଙ୍କାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରଥଯାତ୍ରା ପୂର୍ବରୁ ଉକ୍ତ ପାଇପ ଲାଇନ କାମ ନେଇଥିବା ଠିକା କମ୍ପାନୀ ପକ୍ଷରୁ ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି କରାଯାଇଛି। ଯଦି କୌଣସି ଅଘଟଣ ହୁଏ ଉକ୍ତ ଦୁଇ ସଂସ୍ଥା ଦାୟୀ ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ଖାତିଗୁଡ଼ା ମୁଖ୍ୟ ରାସ୍ତାରେ ପାଇପ ଲାଇନ ବିଛାଇବା ପରେ ଉପଯୁକ୍ତ ପଦକ୍ଷେପ ନେଇ ରାସ୍ତା ପୂର୍ବ ଭଳି ଭାରିଯାନ ଚଳାଚଳ ଉପଯୋଗୀ କରିବାକୁ ପ୍ରତ୍ୟେକ ସ୍ତରରେ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଖାତିଗୁଡା ବ୍ୟବସାୟ ସଂଘ ଜିଲାପାଳ କମଳଲୋଚନ ମିଶ୍ରଙ୍କୁ ଭେଟି ରଥଯାତ୍ରାକୁ ଧ୍ୟାନଦେଇ ମୁଖ୍ୟ ରାସ୍ତାରେ ପାଇପ ବିଛାଇବା ବେଳେ ଉଚିତ ବ୍ୟବସ୍ଥା ପାଇଁ ଅନୁରୋଧ କରିଥିଲେ। ପାଇପ୍ ବିଛା କାମ ସରିଲେ ତୁରନ୍ତ ରାସ୍ତା ମରାମତି କରାଯିବା ନେଇ ସେତେବେଳେ ଜିଲାପାଳ କମ୍ପାନୀ ଅଧିକାରୀଙ୍କୁ ନିର୍ଦ୍ଦେଶ ମଧ ଦେଇଥିଲେ। କିନ୍ତୁ ପାଇପ ବିଛା କାମ ସରିବା ପରେ ଆଉ କୌଣସି ଅଧିକାରୀଙ୍କ ଦେଖା ମିଳୁ ନ ଥିବା ଅଭିଯୋଗ ହୋଇଛି। ତେବେ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଗୋପାଳ ଶ୍ରୀକ୍ଷେତ୍ର ପରିଚାଳନା କମିଟି ସଭାପତି ଗୋପାଳକୃଷ୍ଣ ଭଞ୍ଜଙ୍କ ସମେତ ଅକ୍ଷୟ ଜେନା , ମୁନା ଦଳେଇ, ବୁଲୁ ଦଳେଇ, ପ୍ରଶାନ୍ତ ନାୟକ, ବିଶ୍ୱନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ।


ଦାବିପତ୍ର ଦେବାକୁ ଆସିଥିବା ଅଞ୍ଚଳବାସୀ ।

# ୨୧ ବର୍ଷର ରାଜନୀତି, କିନ୍ତୁ ପକ୍କା ଘର ଖଣ୍ଡେ ନାହିଁ

ନବରଙ୍ଗପୁର,୧୫।୬ (ସଦାଶିବ ପ୍ରହରାଜ)

■ ପର୍ଯ୍ୟାୟ କ୍ରମେ ସ୍ତ୍ରୀ, ସ୍ୱାମୀ ସାନ ମସିଗାଁ ସରପଞ୍ଚ

■ ଶ୍ୱଶୁରଙ୍କ ଆଦର୍ଶକୁ ପାଳନ କରୁଛନ୍ତି ବୋହୂ

ଗୋଟିଏ ପରିବାର ଭିତରେ ଏପର୍ଯ୍ୟନ୍ତ ୨୧ ବର୍ଷର ରାଜନୀତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ପର୍ଯ୍ୟାୟକ୍ରମେ ସ୍ୱାମୀ ଓ ସ୍ତ୍ରୀ ଗୋଟିଏ ପଞ୍ଚାୟତରୁ ସରପଞ୍ଚ ହୋଇଛନ୍ତି। ରାଜନୀତିରେ ପ୍ରବେଶ ଓ ପରବର୍ତ୍ତୀ ସମୟରେ ପଦପଦବୀରେ ରହିଲେ ଅନେକ କିଛି ଉପାର୍ଜନ କରିଦିଅନ୍ତି। ସରପଞ୍ଚ ହେଲେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଲୋକଙ୍କ କାମ କରିବା ନାମରେ ଅନେକେ ଉପାର୍ଜନ କରୁଥିବା ନଜିର ରହିଛି। ହେଲେ ଏଠାରେ କିଛି ଅଲଗା ଦେଖାଦେଇଛି। ୨୧ ବର୍ଷ ରାଜନୀତି ଭିତରେ ସରପଞ୍ଚ ହୋଇଥିଲେ ମଧ ନିଜର ବୋଲି ପକ୍କାଘରଟିଏ ନାହିଁ କି ଘରେ ପାଇଖାନା ମଧ ନାହିଁ । ଏମିତି ଏକ ଘଟଣା ନବରଙ୍ଗପୁର ବ୍ଲକ ସାନମସିଗାଁ ପଞ୍ଚାୟତରେ ଦେଖିବାକୁ ମିଳିଛି।

ନବରଙ୍ଗପୁର ବ୍ଲକ ସାନମସିଗାଁ ପଞ୍ଚାୟତ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପୁଷ୍ପଲତା ମାଝି ୨୦୦୨-୨୦୦୭ ପର୍ଯ୍ୟନ୍ତ ସରପଞ୍ଚ। ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ପୁଷ୍ପଲତାଙ୍କ ସ୍ୱାମୀ ଭଜରାଜ ମାଝି ଓ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ପୁନଃ ପୁଷ୍ପଲତା ସରପଞ୍ଚ । ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ପୁଣି ଭଜରାଜ ଓ ଏବେ ପୁଣି ପୁଷ୍ପଲତା ସରପଞ୍ଚ ରହିଛନ୍ତି। ଲଗାତର ଗୋଟିଏ ପରିବାରର ସ୍ତ୍ରୀ ଓ ସ୍ୱାମୀ ପର୍ଯ୍ୟାୟକ୍ରମେ ସରପଞ୍ଚ ରହିଥିଲେ ମଧ ନିଜସ୍ୱ ବୋଲି ପକ୍କାଘରଟିଏ ନାହିଁ। ଆବାସ ଯୋଜନାରେ ଘର ଖଣ୍ଡେ ମଧ କରିପାରିନାହାନ୍ତି। ସ୍ୱଚ୍ଛ ଭାରତ ମିଶନ ମାଧମରେ ପ୍ରତି ପଞ୍ଚାୟତରେ ବ୍ୟକ୍ତିଗତ ପାଇଖାନା ହୋଇଛି । ତେବେ ସରପଞ୍ଚଙ୍କ ଘରେ ପାଇଖାନା ଟିଏ ମଧ ନାହିଁ। ଶାଶୁ ଫୁଲମତି ଓ ଶ୍ୱଶୁର ରାମଚନ୍ଦ୍ର ମାଝିଙ୍କ ତିଣ ଛପର ଘର ଖଣ୍ଡେ ଥିଲା ତାହାହିଁ ବଡ଼ ସମ୍ବଳ। ପୁଷ୍ପଲତାଙ୍କ ସ୍ୱାମୀ ଭଜରାଜଙ୍କର ବର୍ଷେ ତଳେ ବିୟୋଗ ହୋଇଛି। ଗାଁ ରାଜନୀତି ମଧରେ ନିର୍ବାଚିତ ପ୍ରତିନିଧି ଛନ୍ଦି ହୋଇପଡନ୍ତି। ଅନେକ ଅଭିଯୋଗର ସ୍ୱର ମଧ ଉଠିଥାଏ। ତେବେ ଏହି ପରିବାର ପ୍ରତି ଗାଁରେ ଦାଗଟିଏ ଲାଗିନାହିଁ। ପୁଷ୍ପଲତା ଏବେ ଦୁଇ ବଖରା ଆଜବେଷ୍ଟ ଘର କରିଛନ୍ତି। କାନ୍ଥରେ ସିମେଣ୍ଟ ପ୍ଲାଷ୍ଟର ମଧ କରିପାରି ନାହାନ୍ତି। ବସିବା ପାଇଁ ଭଲ ବାରଣ୍ଡାଟିଏ ମଧ ନାହିଁ। ଆଜବେଷ୍ଟସ ଲଗାଇବା ପାଇଁ କାଠ ରୁଅ ମଧ ୟୁକାଲିପଟାସର ଲଗାଇଛନ୍ତି। ଗଛ କଟିଲେ କାଠ ବାହାରିବ। କୌଣସି ମୂଲ୍ୟବାନ୍ ଗଛ କଟିଲେ ଆମର ହିଁ କ୍ଷତି ହେବ। ଘର କରିବାରେ ଗଛ କାଟି ପରିବେଶ ନଷ୍ଟ ହେବ। ଏଥିପାଇଁ ଶାଳ, ପିଆଶାଳ ଓ ଶାଗୁଆନ ଭଳି କୌଣସି କାଠ ଘରେ ଲାଗିନାହିଁ । ସରକାରୀ ଧନ, ବେଆଇନ ଉପାର୍ଜନ ଘରେ ପ୍ରବେଶ କରିବ ନାହିଁ ବୋଲି ଶ୍ୱଶୁର ରାମଚନ୍ଦ୍ର ମାଝି କହିଥିଲେ। ତାଙ୍କରି କଥାକୁ ମାନି ରାଜନୀତି କରୁଛନ୍ତି ବୋଲି ସରପଞ୍ଚ ପୁଷ୍ପଲତା କହିଛନ୍ତି। ସରପଞ୍ଚ ପଦବୀରେ ଆସିବା ଦିନରୁ କେବଳ ଲୋକଙ୍କ ସେବା କରିବା ଆମର ଲକ୍ଷ୍ୟ ରହିଛି। ଭତ୍ତା ବାବଦକୁ ସରକାର ଯାହା ୨୩୫୦ ଟଙ୍କା ପ୍ରଦାନ କରନ୍ତି ତାହା ତାଙ୍କର ଗୋଟିଏ ବଡ଼ ସମ୍ବଳ ବୋଲି ସେ କହିଛନ୍ତି। ଘରେ ପାନୀୟ ଜଳ ସମସ୍ୟା ରହିଛି। ବହୁବାର ବିଭାଗୀୟ ଅଧିକାରୀ ଓ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ ଦୀର୍ଘଦିନର ସମସ୍ୟା ସମାଧାନ ହେଉନାହିଁ ବୋଲି ପୁଷ୍ପଲତା କହିଛନ୍ତି। ସ୍ୱାମୀଙ୍କ ପରେ ୪ ପୁଅ ମଧରୁ ଭଜରାଜ ଓ ଅନ୍ୟ ୨ ଜଣଙ୍କର ମୃତ୍ୟୁ ହୋଇଛି। ପୁଷ୍ପଲତାଙ୍କ ୨ ପୁଅ ଅଛନ୍ତି। ନିଜ ଜମିରୁ ଯାହା ଉପାର୍ଜନ ହୁଏ ସେଥରେ ପରିବାର ଚଳୁଛି। ୨୧ ବର୍ଷ ରାଜନୀତି ଭିତରେ ଘରକୁ ବେଆଇନ ଟଙ୍କା ଆସିନାହିଁ ବୋଲି ପୁଷ୍ପଲତାଙ୍କ ଶାଶୁ ଫୁଲମତି କହିଛନ୍ତି।



ସରପଞ୍ଚ ପୁଷ୍ପଲତା ମାଝୀ ଓ ତାଙ୍କ ଘର ।

